ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.130 Bhubaneswar Wednesday, July 07, 2021 | ୨୪ତମ ବର୍ଷ ସଂଖ୍ୟା-୧୩୦ ଭୁବନେଶ୍ୱର ବୁଧବାର, ଜୁଲାଇ ୦୭, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS




କେନ୍ଦ୍ର ଆଇନ ଓ ନ୍ୟାୟ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଶଙ୍କର ପ୍ରସାଦ ଟେଲି-ଆଇନ କାର୍ଯ୍ୟକ୍ରମ ଅଧିନରେ ଦୁଇ ଲକ୍ଷରୁ ଅଧିକ ହିତାଧିକାରୀଙ୍କ କଭରେଜକୁ ନେଇ ଏହି କାର୍ଯ୍ୟକ୍ରମରେ ଶ୍ରେଷ୍ଠ ପ୍ରଦର୍ଶନ ପ୍ୟାନେଲ ଆଇନଜୀବୀ, ପାରା ଲିଗାଲ ସ୍ୱେଚ୍ଛାସେବୀ ଏବଂ ଗ୍ରାମ ସ୍ତରୀୟ ଉଦ୍ୟୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି

## ଗୋଟିଏ ଦିନରେ ୨୪୮୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୬।୭(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୪୮୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୨୭୧୮୬ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୮୯୪୧୦୪ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୨୮୭୩୦ ରହିଛି । ଆଜି ଚିହ୍ନଟ ହୋଇଥିବା ୨୪୮୭ ଜଣଙ୍କ ମଧ୍ୟରୁ ୧୪୨୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୦୫୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକରୁ ସବୁଠାରୁ ଅଧିକ ୪୨୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୭୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୫୭ ଜଣ, ବରଗଡ଼ରୁ ୨୨ ଜଣ, ଭଦ୍ରକରୁ ୧୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧୨, କଟକରୁ ୪୨୨, ଦେବଗଡ ଜିଲ୍ଲାରୁ ୯ ଜଣ, ଢେଙ୍କାନାଳ ଜିଲ୍ଲାରୁ ୫୯ ଜଣ, ଗଜପତି ଜିଲ୍ଲାରୁ ୧୧ , ଗଞ୍ଜାମରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୨୬ ଜଣ, ଯାଜପୁରରୁ ୨୦୨ ଜଣ, ଝାରସୁଗୁଡ଼ାରୁ ୧୨ ଜଣ, କଳାହାଣ୍ଡିରୁ ୭ ଜଣ, କନ୍ଧମାଳ ଜିଲ୍ଲାରୁ ୨୩ ଜଣ. କେନ୍ଦ୍ରାପଡ଼ାରୁ ୮୭ ଜଣ, କେନ୍ଦୁଝରରୁ ୬୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୪୦୭ ଜଣ, କୋରାପୁଟରୁ ୫୨ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୫୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୦୩ ଜଣ, ନବରଙ୍ଗପୁରରୁ ୨୩ ଜଣ, ନୟାଗଡ଼ରୁ ୮୦ ଜଣ, ନୂଆପଡ଼ାରୁ ୫ ଜଣ, ପୁରୀରୁ ୧୫୪ ଜଣ, ରାୟଗଡ଼ାରୁ ୨୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୨୬ ଜଣ, ସୋନପୁରରୁ ୧୪ ଜଣ, ସୁନ୍ଦରଗଡ଼ରୁ ୨୮ ଜଣ ଓ ଷ୍ଟେଟ୍ ପୁଲରୁ ୭୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ବଂଶଧାରା ଜଳ ବିବାଦ : ଟ୍ରିବ୍ୟୁନାଲ ରାୟର ଗେଜେଟ ପ୍ରକାଶନକୁ ସହମତି ଦେଲାନି ଓଡିଶା

ଭୁବନେଶ୍ୱର, ୬।୭(ପି.ଏନ): ବଂଶଧାରା ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ବିବାଦୀୟ ଆଦେଶ ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଅଛି। ସର୍ବୋଚ୍ଚ ନ୍ୟାୟାଳୟ ଚୂଡ଼ାନ୍ତ ରାୟ ପ୍ରଦାନ ନକରିବା ଯାଏଁ ବଂଶଧାରା ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ଦ୍ୱାରା ପ୍ରଦତ ରାୟକୁ ଗେଜେଟରେ ପ୍ରକାଶନ କରିବାପାଇଁ ଆନ୍ଧ୍ରପ୍ରଦେଶ ପକ୍ଷରୁ ଓଡିଶା ରାଜ୍ୟକୁ ସହମତି ପ୍ରଦାନ ପାଇଁ ଅନୁରୋଧକୁ ରାଜ୍ୟ ପକ୍ଷରୁ ସ୍ପଷ୍ଟ ଭାବେ ମନା କରାଯାଇଛି ବୋଲି ଓଡିଶା ରାଜ୍ୟ ଜଳସଂପଦ ବିଭାଗ ତରଫରୁ ସ୍ପଷ୍ଟ କରାଯାଇଛି । ବିଭାଗ ତରଫରୁ ଏ ସଂକ୍ରାନ୍ତୀୟ ଏକ ସ୍ପଷ୍ଟୀକରଣରେ କୁହାଯାଇଛି ଯେ, ବଂଶଧାରା ଜଳ ବିବାଦ ଟ୍ରିବ୍ୟୁନାଲ ତା ୧୩.୦୯.୨୦୧୭ ରେ ତାଙ୍କର ଚୂଡ଼ାନ୍ତ ରାୟରେ ବଂଶଧାରା ନଦୀ ଉପରେ ନେରାଡି ବ୍ୟାରେଜ ନିର୍ମାଣ ପାଇଁ ଆନ୍ଧ୍ର ପ୍ରଦେଶ ସରକାରଙ୍କୁ ଅନୁମତି ପ୍ରଦାନ କରିଥିଲେ। ଓଡିଶା ଓ ଆନ୍ଧ୍ର ପ୍ରଦେଶ ସରକାରଙ୍କ ମଧରେ ଆନ୍ତଃ ରାଜ୍ୟ ବୁଝାମଣାର ଗୁରୁତ୍ୱପୂର୍ଣ୍ଣ ସର୍ତଗୁଡିକୁ ମାନ୍ୟବର ଟ୍ରିବ୍ୟୁନାଲଙ୍କ ଦ୍ୱାରା ଅଣଦେଖା କରାଯାଇଥିବାରୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ତତକ୍ଷଣାତ ସ୍ୱତନ୍ତ୍ର ଲିଭ ପିଟିସନ୮୦୩୦/୨୦୧୮ତା-୧୨.୧୨.୨୦୧୭ ରେ ଦାୟର କରାଯାଇଥିଲା। ୧୩.୦୯.୨୦୧୭ରେ ଟ୍ରିବ୍ୟୁନାଲଙ୍କ ଚୂଡ଼ାନ୍ତ ରାୟର ସ୍ପଷ୍ଟୀକରଣ ପାଇଁ ଓଡିଶା ପକ୍ଷରୁ ଆବେଦନ କରାଯାଇଛି । ଟ୍ରିବ୍ୟୁନାଲ ତାଙ୍କର ୨୧.୦୬.୨୦୨୧ ବିବରଣୀରେ ସୁସ୍ପଷ୍ଟ କରିଛନ୍ତି ଯେ, ଟ୍ରିବ୍ୟୁନାଲ ମୋଟାମୋଟି ଭାବେ ତାଙ୍କର ୧୩.୦୯.୨୦୧୭ର ଚୂଡ଼ାନ୍ତ ରାୟକୁ ଅକ୍ଷୁଣ୍ଣ ରଖିଛନ୍ତି , ଯାହା ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସ୍ୱତନ୍ତ୍ର ଲିଭ ପିଟିସନର ଚୂଡ଼ାନ୍ତ ରାୟ ଉପରେ ନିର୍ଭରଶୀଳ । ଓଡିଶା ପରିସୀମା ମଧ୍ୟରେ ମିଳିତ ସର୍ବେକ୍ଷଣ ପାଇଁ ଟ୍ରିବ୍ୟୁନାଲଙ୍କ ୨୩.୦୯.୨୦୧୯ର ନିର୍ଦ୍ଦେଶ ବିପକ୍ଷରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିକଟରେ ଓଡିଶା ପକ୍ଷରୁ ସ୍ୱତନ୍ତ୍ର ଲିଭ ପିଟିସନ ସଂଖ୍ୟା ୨୭୯୩୦/୨୦୧୯ ଦାୟର କରାଯାଇଛି, ଯାହାକି ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିକଟରେ ଏବେ ମଧ ବିଚାରାଧୀନ ଅଛି । ଓଡିଶା ପକ୍ଷରୁ ବରିଷ୍ଠ ଓକିଲ ଗୋପାଳ ସୁବ୍ରମନ୍ୟମ ସର୍ବୋଚ୍ଚ ନ୍ୟାୟାଳୟରେ ମୋକଦ୍ଦମା ପରିଚାଳନା କରୁଛନ୍ତି । ଏଣୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସ୍ୱତନ୍ତ୍ର ଲିଭ ପିଟିସନର ଚୂଡ଼ାନ୍ତ ରାୟ ପ୍ରଦାନ ନ ହେବାଯାଏଁ ବଂଶଧାରା ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ଦ୍ୱାରା ୧୩.୦୯.୨୦୧୭ରେ ପ୍ରଦତ ରାୟକୁ ଗେଜେଟରେ ପ୍ରକାଶନ ପାଇଁ ଓଡିଶା ରାଜ୍ୟକୁ ଆନ୍ଧ୍ର ପ୍ରଦେଶ ରାଜ୍ୟ ପକ୍ଷରୁ ସହମତି ପ୍ରଦାନ ନିମନ୍ତେ ଅନୁରୋଧକୁ ଓଡିଶା ପକ୍ଷରୁ ସ୍ପଷ୍ଟ ଭାବେ ମନା କରାଯାଇଥିବା ବିଭାଗ ତରଫରୁ ସ୍ପଷ୍ଟ କରାଯାଇଛି ।

## ପୁରୀ ବ୍ୟତୀତ ଅନ୍ୟ କେଉଁଠି ହେବନି ରଥଯାତ୍ରା - ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୬।୭(ପି.ଏନ): ଚଳିତ ବର୍ଷ ପୁରୀ ବ୍ୟତୀତ ରାଜ୍ୟର ଅନ୍ୟ କେଉଁଠି ରଥଯାତ୍ରା ଆୟୋଜନ ହୋଇପାରିବ ନାହିଁ। ଅନ୍ୟ ସ୍ଥାନରେ ରଥଯାତ୍ରା ଆୟୋଜନ ପାଇଁ ହୋଇଥିବା ଏକାଧିକ ଆବେଦନକୁ ସୁପ୍ରିମକୋର୍ଟର ଖଣ୍ଡପୀଠ ଖାରଜ କରି ଦେଇଛନ୍ତି । ମୁଖ୍ୟବିଚାରପତି ଏନ୍.ଭି ରମନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଆବେଦନର ଶୁଣାଣି କରି ଏହି ରାୟ ଦେଇଛନ୍ତି।

## ବନ୍ଦ ହେବ କୋଭିଡ୍ କେୟାର ସେଂଟର

ଭୁବନେଶ୍ୱର, ୬।୭(ପି.ଏନ): କରୋନା ସଂକ୍ରମଣ ଧୀରେ ଧୀରେ ହ୍ରାସ ପାଉଥିବାରୁ ରାଜ୍ୟରେ ଚାଲୁ ରହିଥିବା ସମସ୍ତ ସରକାରୀ ଓ ବେସରକାରୀ କୋଭିଡ୍ ସେବା କେନ୍ଦ୍ରଗୁଡ଼ିକୁ ବନ୍ଦ କରିବାକୁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି । ତେବେ କୋଭିଡ୍ ସେବା କେନ୍ଦ୍ରରେ କରୋନା ଆକ୍ରାନ୍ତ ଚିକିତ୍ସିତ ହେଉଥିଲେ ସେମାନେ ସୁସ୍ଥ ହେବା ପର୍ଯ୍ୟନ୍ତ ତାହା ଚାଲୁ ରହିବ। ଏ ସମ୍ପର୍କରେ ରାଜ୍ୟର ସମସ୍ତ ଜିଲ୍ଲାପାଳ ଓ ମ୍ୟୁନିସିପାଲ କମିଶନରମାନଙ୍କୁ ଏକ ପତ୍ର ଲେଖି ନିର୍ଦ୍ଦେଶ ଦେଇଛନ୍ତି ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦିପ୍ତ ମହାପାତ୍ର ।ଏହି ପତ୍ରରେ ସମସ୍ତ ସରକାରୀ ଓ ବେସରକାରୀ କୋଭିଡ୍ ସେବା କେନ୍ଦ୍ରଗୁଡ଼ିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଡେଡିକେଟେଡ୍ କୋଭିଡ କେୟାର ସେଂଟର ଓ ଡେଡିକେଟେଡ କୋଭିଡ ହେଲଥ ସେଂଟରଗୁଡ଼ିକ ଖୋଲା ରହିବ ବୋଲି ସ୍ପଷ୍ଟ କରାଯାଇଛି ।ଅନ୍ୟପକ୍ଷରେ ସରକାରୀ ନିୟମ ଅନୁସାରେ ଘରୋଇ ଡାକ୍ତରଖାନାଗୁଡ଼ିକ ଲକ୍ଷଣଯୁକ୍ତ କୋଭିଡ୍ ଆକ୍ରାନ୍ତମାନଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦର ଅନୁସାରେ ଚିକିତ୍ସା କରିପାରିବେ ।

## ଥାବରଚନ୍ଦ ଗହଲୋତ କର୍ଣ୍ଣାଟକର ନୂତନ ରାଜ୍ୟପାଳ

ନୂଆଦିଲ୍ଲୀ,୬।୭(ପି.ଏନ): ରାଷ୍ଟ୍ରପତି ରାମନାଥ କୋବିନ୍ଦ ୮ ରାଜ୍ୟରେ ନୂଆ ରାଜ୍ୟପାଳଙ୍କୁ ନିଯୁକ୍ତି ଓ ସ୍ଥାନାନ୍ତରଣକୁ ମଙ୍ଗଳବାର ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏହି ରାଜ୍ୟ ଗୁଡିକ ମଧରେ ରହିଛି ମିଜୋରାମ, ଗୋଆ, ହରିୟାଣା, ତ୍ରିପୁରା, ଝାରଖଣ୍ଡ, କର୍ଣ୍ଣାଟକ, ହିମାଚଳ ପ୍ରଦେଶ ଏବଂ ମଧ୍ୟପ୍ରଦେଶ । କେନ୍ଦ୍ରମନ୍ତ୍ରୀ ଥାବରଚନ୍ଦ ଗହଲୋତଙ୍କୁ କର୍ଣ୍ଣାଟକର ନୂତନ ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଛି । ସେହିପରି ହିମାଚଳ ପ୍ରଦେଶର ରାଜ୍ୟପାଳ ବଂଡାରୁ ଦତାତ୍ରେୟଙ୍କୁ ହରିୟାଣା ରାଜ୍ୟପାଳ ଭାବେ ବଦଳି କରାଯାଇଛି । ରାଷ୍ଟ୍ରପତି ଭବନ ପକ୍ଷରୁ ଆଜି ଏନେଇ ବିଜ୍ଞପ୍ତି ଜାରୀ କରାଯାଇଛି । କର୍ଣ୍ଣାଟକ, ମିଜୋରାମ, ହିମାଚଳ ପ୍ରଦେଶ ଏବଂ ମଧ୍ୟପ୍ରଦେଶରେ ୪ ଜଣ ନୂତନ ରାଜ୍ୟପାଳଙ୍କୁ ନିଯୁକ୍ତ କରାଯାଇଛି । ଥାବରଚନ୍ଦ ଗହଲୋତଙ୍କୁ କର୍ଣ୍ଣାଟକର ନୂତନ ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଥିବା ବେଳେ ଡା.ହରିବାବୁ କମ୍ଭମପତିଙ୍କୁ ମିଜୋରାମ, ରାଜେନ୍ଦ୍ର ବିଶ୍ୱନାଥ ଅର୍ଲେକରଙ୍କୁ ହିମାଚଳ ପ୍ରଦେଶ ଏବଂ ମଙ୍ଗୁଭାଇ ଛଗନ ଭାଇ ପଟେଲଙ୍କୁ ମଧ୍ୟପ୍ରଦେଶ ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଛି । ସେହିପରି ଗୋଆ, ହରିୟାଣା, ତ୍ରିପୁରା ଓ ଝାରଖଣ୍ଡରେ ୪ ରାଜ୍ୟପାଳଙ୍କୁ ସ୍ଥାନାନ୍ତରିତ କରାଯାଇଛି । ମିଜୋରାମ ରାଜ୍ୟପାଳ ପିଏମ ଶ୍ରୀଧରନଙ୍କୁ ବଦଳି କରାଯାଇ ତାଙ୍କୁ ଗୋଆ ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି । ହିମାଚଳ ପ୍ରଦେଶର ରାଜ୍ୟପାଳ ବଂଡାରୁ ଦତାତ୍ରେୟଙ୍କୁ ହରିୟାଣା ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଛି । ହରିୟାଣାର ରାଜ୍ୟପାଳ ସତ୍ୟଦେବ ନାରାୟଣ ଆର୍ଯ୍ୟଙ୍କୁ ତ୍ରିପୁରାର ନୂତନ ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଛି । ତ୍ରିପୁରାର ରାଜ୍ୟପାଳ ରମେଶ ବୈଂଶଙ୍କୁ ବଦଳି କରାଯିବା ସହ ତାଙ୍କୁ ଝାରଖଣ୍ଡର ନୂତନ ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଛି ।

## ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିବା ହାସ୍ୟାସ୍ପଦ :ପୃଥ୍ୱୀରାଜ ହରିଚନ୍ଦନ

ଭୁବନେଶ୍ୱର, ୬।୭(ପି.ଏନ): ଆବାସ ଯୋଜନା ସଂପର୍କରେ ଓଡିଶାର ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଚିଠିରେ ୨ଟି କଥା ଉଲ୍ଲେଖ କରିଛନ୍ତି । ପ୍ରଥମତଃ ଓଡିଶାର ଫନିରେ ପ୍ରଭାବିତ ନହୋଇଥିବା ଅଂଚଳ ମାନଙ୍କ ପାଇଁ ଆଉ ଘରର ଆବଶ୍ୟକତା ଅଛି ଏବଂ ଦ୍ୱିତୀୟରେ ଆବାସ ସ୍ଲଟ ପୋର୍ଟାଲ ଯେଉଁଥିରେ କି ଜିଓ ଟ୍ୟାଗିଂ ସହିତ ବେନିଫିସିଆରି ମାନଙ୍କର ନାମ ଯୋଡା ହେବାର ଆବଶ୍ୟକତା ଅଛି। ସେ ଆବାସ ପୋର୍ଟାଲ ଖୋଲାନହେଉଥିବାରୁ ଓଡିଶାର ହିତାଧିକାରୀ ମାନଙ୍କର ନାମ ଯୋଡି ହୋଇପାରୁନାହିଁ ଆବାସ ପୋର୍ଟାଲରେ ସେଥିପାଇଁ ଓଡିଶା ପ୍ରଦେଶରେ ଲୋକେ ହଇରାଣ ହେଉଛନ୍ତି। ତଥ୍ୟ ନଜାଣି ମୁଖ୍ୟମନ୍ତ୍ରୀ ଏପରି ଚିଠି ଲେଖିବା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ କଟାକ୍ଷ କରିଛନ୍ତି । ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ୨୦୧୮-୧୯ରେ ୫ ଥର ଆବାସ ସଫ୍ଟର ଉଇଣ୍ଡୋ ଓପନ ହୋଇଥିଲା । ୦୬ ଜୁଲାଇ ୨୦୧୭ ରୁ ୩୧ ମାର୍ଚ୍ଚ ୨୦୧୮ ପର୍ଯ୍ୟନ୍ତ ଆବାସ ସଫ୍ଟର ଉଇଣ୍ଡୋ ଖୋଲା ଥିଲା । ପ୍ରଥମଥର ପାଇଁ ୩୧ ମାର୍ଚ୍ଚ ୨୦୧୮ରୁ ୩୦ ଜୁନ୍ ୨୦୧୮ ପର୍ଯ୍ୟନ୍ତ ସମୟସୀମା ବୃଦ୍ଧି କରାଗଲା । ପୁଣିଥରେ ୩୦ ଜୁନ୍ ୨୦୧୮ରୁ ୩୦ ସେପ୍ଟେମ୍ବର ୨୦୧୮ ପର୍ଯ୍ୟନ୍ତ ଉଇଣ୍ଡୋ ଓପନ କରାଗଲା । ୩୦ ସେପ୍ଟମ୍ବର ୨୦୧୮ରୁ ୩୦ ନଭେମ୍ବର ୨୦୧୮ ପର୍ଯ୍ୟନ୍ତ ଉଇଣ୍ଡୋ ଓପନ କରାଗଲା । ଶେଷରେ ୭ ମାର୍ଚ୍ଚ ୨୦୧୯ ପର୍ଯ୍ୟନ୍ତ ଉଇଣ୍ଡୋ ଓପନ କରାଯାଇଥିଲା । ରାଜ୍ୟ ସରକାର ଏହି ପର୍ଯ୍ୟାପ୍ତ ସମୟ ଭିତରେ ମାତ୍ର ୪୫,୯୦୩ଟି ନାଁ ଅପଲୋଡ୍ କରିଛନ୍ତି । ଫନି ବାତ୍ୟା ସମୟରେ ୩.୮୯ ଲକ୍ଷ ପ୍ରଭାବିତ ଲୋକଙ୍କୁ ଘର ଦେବାର ଆବଶ୍ୟକତା ରହିଛି ବୋଲି ଦର୍ଶାଇ ଉଇଣ୍ଡୋ ଓପନ କରିବାକୁ ରାଜ୍ୟ ସରକାର ଚିଠି ଲେଖିଥିଲେ । ଏହାକୁ ଆଧାର କରି ୨୭ ଅଗଷ୍ଟରୁ ୧୦ ସେପ୍ଟମ୍ବର ପର୍ଯ୍ୟନ୍ତ ଉଇଣ୍ଡୋ ଓପନ କରାଯାଇଥିଲା । ତଥାପି ରାଜ୍ୟ ସରକାର ହିତାଧିକାରୀଙ୍କ ନାଁ ଯୋଡି ପାରିଲେ ନାହିଁ । ଆବାସ ଯୋଜନାରେ ଆସିଥିବା ୮,୧୭,୦୦୦ ପକ୍କା ଘର ବଂଟନରୁ ଫନି ପ୍ରଭାବିତ ନହୋଇ ଥିବା ୧୬ ଟି ଜିଲ୍ଲାରେ ରାଜ୍ୟ ସରକାର ଗୋଟିଏ ବି ଘର ତାଲିକାଭୁକ୍ତ କରିନାହାଁନ୍ତି । ସେହି ଜିଲ୍ଲାଗୁଡିକରେ ଅନେକ ଯୋଗ୍ୟ ହିତାଧିକାରୀ ଘର ପାଇବା ପାଇଁ ଅପେକ୍ଷା କରି ରହିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବରଗଡ, ବଲାଙ୍ଗିର, ବୌଦ୍ଧ, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ରାୟଗଡା, ସମ୍ବଲପୁର ଓ ସୁନ୍ଦରଗଡ ଆଦି ଜିଲ୍ଲାକୁ ଘର ଆବଂଟନ ଶୂନ ରହିଥିବାବେଳେ କେବଳ ଝାରସୁଗୁଡା ଜିଲ୍ଲାକୁ ଏହି ଯୋଜନାରେ ମାତ୍ର ୪ଟି ଘର ଆବଂଟନ କରାଯାଇଛି । ରାଜ୍ୟ ସରକାର ଏଦିଗରେ ଏପର୍ଯ୍ୟନ୍ତ କାହିଁକି ମୁହଁ ଖୋଲୁ ନାହାଁନ୍ତି ବୋଲି ଶ୍ରୀ ହରିଚନ୍ଦନ ପ୍ରଶ୍ନ କରିଛନ୍ତି । ।ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହେବା ପାଇଁ ଗ୍ରାମ ସଭାରେ ନିଷ୍ପତି ହେବା ଦରକାର । ପ୍ରତିପଂଚାୟତରେ ଜନନିରୀକ୍ଷଣ ସମିତି କରାଯାଉ ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ତାଲିକା ଭୂକ୍ତ କରାଯାଉ ।

## କେନ୍ଦୁଝର ଜିଲ୍ଲାର ଗରୀବ ପିଲାଙ୍କ ପାଇଁ ଅନ ଲାଇନ ପାଠପଢା ପାଲଟିଛି ପ୍ରହସନ

କେନ୍ଦୁଝର , ୬।୭(ପି.ଏନ): କରୋନା ମହାମାରୀ ଛାତ୍ର ଛାତ୍ରୀଙ୍କର ପାଠପଢା ଉପରେ ବିଶେଷ ପ୍ରଭାବ ପକାଇଅଛି । କରୋନା ମାହାମାରୀ ଯୋଗୁଁ ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ବିଦ୍ୟାଳୟ ମାନଙ୍କରେ ପାଠପଢା ବନ୍ଦ ରଖାଯାଇଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ଏହି ସମୟରେ ଅନ ଲାଇନ ରେ ପିଲା ମାନଙ୍କର ପାଠ ଜାରି ରଖିବାକୁ ନିଷ୍ପତି କରି ଅନୁରପ ନିର୍ଦ୍ଦେଶନାମା ଜାରି ସିନା କଲେ ସିନା , ହେଲେ ଏଥିପାଇଁ ଆବଶ୍ୟ ଭିତିଭୂମିର ବ୍ୟବସ୍ଥା କରାଗଲା ନାହିଁ। ଫଳରେ ଏହି ଯୋଜନା ରାଜ୍ୟର ପ୍ରାୟ ୬୦ ରୁ ୭୦ ପ୍ରତିଶତ ପିଲାଙ୍କକ ପାଖରେ ନ ପହଂଚି ଏକ ପ୍ରହସନରେ ପରିଣତ ହୋଇଛି । ପିଲା ଙ୍କୁ ସରକାରଙ୍କ ଏହି ଅନଲାଇନ୍ ପାଠ ପଢିବାକୁ ଦରକାର ମହଙ୍ଗା ଆଣ୍ଡରଏଡ୍ ମୋବାଇଲ ଫୋନ । ଯେଉଁଠି ଦିନ କୁ ଦୁଇ ମୁଠା ପେଟ ପୁରା ଖାଇବାକୁ ଯୋଗାଡ କରିବା କଷ୍ଟକର ହୋଇ ପଡୁଛି ସେଠାରେ ଗରିବ ପିଲାଟି କ୍ଷେତ୍ରରେ ଦାମୀ ମୋବାଇଲଟିଏ କ୍ରୟ କରି ପାଠ ପଢିବା କେତେ ଯେ କଷ୍ଟକର ଅଙ୍ଗେ ନିଭାଉଥିବା ସହି ପିଲା ଓ ତାଙ୍କ ପରିବାର ଜାଣନ୍ତି । ଆଉ ଯଦି ବା କଷ୍ଟେ ମଷ୍ଟେ ମୋବାଇଲଟିଏ ଯୋଗାଡ କରିପାରିଲେ ମଧ୍ୟ ଇଂଟରନେଟ ପାଇଁ ଅର୍ଥର ଚିନ୍ତା । ଇନ୍ଟରନେଟ ଓ ବିଜୁଳି ର ସୁବିଧା ମଧ୍ୟ ସବୁଠାରେ ନାହିଁ । ଏଭଳି ଏକ ଅନଲାଇନ୍ ପାଠ ପଢାର ବାସ୍ତବ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର କାଠବାରୀ ପଂଚାୟତର ଧନୁର୍ଜ୍ଜୟପୁର ଗାଁ ରେ ।କେନ୍ଦୁଝର ସଦର ବ୍ଲକ କାଠବାରୀ ପଂଚାୟତର ଧନୁର୍ଜ୍ଜୟପୁର ଗାଁଟି ବଣ ପାହାଡ ଘେରା ହୋଇଥିବା ବେଳେ ଏଠି ସବୁ ବେଳେ ବନ୍ୟ ଜନ୍ତୁ ଙ୍କର ଉପଦ୍ରବ ଲାଗି ରହିଥାଏ । ଗ୍ରାମର ଅଧିକାଂଶ ଲୋକେ ଆଦିବାସୀ ସଂପ୍ରଦୟର ଓ ଏମାନେ ସାଧରଣତଃ ନାମକୁ ମାତ୍ର ଚାଷୀ । ଏବଂ ବାର ଦୁଆରେ ମୂଲ ଲାଗି ନିଜର ପରିବାର ପୋଷଣ କରିଥାନ୍ତି । ଏଭଳି ପରିସ୍ଥିତିରେ ଏଣ୍ଡରୋଏଡ୍ ମୋବାଇଲ ଖଣ୍ଡେ କିଣିବା ଏମାନଙ୍କ ମଧ୍ୟରୁ ଅନେକ ଙ୍କ ପାଇଁ ଦିବା ସ୍ୱପ୍ନ ହୋଇଥିବା ବେଳେ ଆଗ୍ରହ ଥାଇ ମଧ୍ୟ ଅନ ଲାଇନରେ ସେମାନଙ୍କର ପିଲାମାନେ ପାଠ ସଂପୁର୍ଣ୍ଣ ଅସମ୍ଭବ । ତେଣୁ ମୋବାଇ ଥିବା ଗାଁ ର ସେହି ପିଲାଙ୍କ ପାଖରେ ପାଠ ପଢିବାକୁ ଅନ୍ୟ ପିଲାମାନେ ସବୁ ଦିନେ ସ୍କୁଲରେ ଏକାଠି ହେଉଥିବା ବେଳେ ଗୋଟିଏ ଗୋଟିଏ ମୋବାଇଲ ଧରି ବିଭିନ୍ନ ଶ୍ରେଣୀର ଏକାଧିକ ପିଲା ପାଠ ପଢିବାକୁ ଜମା ହେଉଛନ୍ତି । ଅନ୍ୟ ପକ୍ଷରେ ମୋବାଇଲ ଥିଲେ ମଧ୍ୟ ନେଟଓ୍ୱାର୍କ ସମସ୍ୟାକୁ ବଳି ପଡୁଛି ବିଜୁଳି ସମସ୍ୟ । ଏଭଳି ସମସ୍ୟା ଭିତରେ ଆଗ୍ରହ ଥାଇ ମଧ୍ୟ ପାଠ ପଢିବା ପିଲାଙ୍କ ପାଇଁ ସ୍ୱପ୍ନ ପାଲଟିଅଛି । ତା ପୁଣି ଗୋଟିଏ ମୋବାଇଲ ଫୋନରେ ବିଭିନ୍ନ ଶ୍ରେଣୀର ପାଲାଙ୍କ ପାଇଁ। ଏପରିକି ସ୍କୁଲ ଶିକ୍ଷକ ମଧ୍ୟ ନିଜ ମୋବାଇଲକୁ ପିଲା ପାଠ ପଢିବାକୁ ଦେଉଥିବା ଦେଖାଯାଉଛି । ଏହି କାଠବାରୀ ଗ୍ରାମରେ ଅନେକ ସମୟରେ ବିଜୁଳି ଗଲେ ଚାରି ପାଂଚ ଦିନ ପର୍ଯ୍ୟନ୍ତ ଆସେ ନାହିଁ ।ଫଳରେ ସେତେ ଦିନ ପିଲା ମାନଙ୍କ ପାଠ ପଢା ବନ୍ଦ ହୋଇଥାଏ ବୋଲି କହିଛନ୍ତି ଅର୍ଚ୍ଚନା ନାଏକ ଶୀବନୀ ନାୟକ ପ୍ରମୁଖ ଛାତ୍ରୀ । ଏହି ଗାଁ ରେ ରହିଛନ୍ତି ଅନେକ ମେଧାବୀ ଛାତ୍ର ଛାତ୍ରୀ । ଯେଉଁମାନେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ସରକାର ଙ୍କର ସ୍କୁଲ ହଷ୍ଟେଲ ରେ ରହି ପାଠ ପଢୁଥିଲେ । ପାଠ ପଢି ଦିନେ ବଡ ମଣିଷ ହୋଇ ବାପା ମା ଙ୍କ ସ୍ୱପ୍ନ କୁ ସାକାର କରିବାକୁ ସ୍ୱପ୍ନ ଦେଖୁଥିବା ଅନେକ କୁନି କୁନି ପିଲା ମାନେ ଅନଲାଇନ ପାଠପଢା ଛାଡି ଏବେ ଗାଁରେ ଭାଗ୍ୟକୁ ଆଦରି କିଏ ବିଲ କାମ ତ ଆଉ କିଏ ଘର କାମ ରେ ମନ ବଳାଇଥିବା ଦେଖିବାକୁ ମିଳିଛି । ସରକାର ଅନଲାଇନ ପାଠ ପଢା ଯୋଜନା ଏକ ଉତମ ଚିନ୍ତନ ହୋଇଥିଲେ ମଧ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଙ୍କର ଖାମ ଖିଆଲି ମନୋଭାବ ଯୋଗୁଁ ସରକାରଙ୍କର ଏହି ଯୋଜନା ଏକ ପ୍ରକାର ପ୍ରହସନରେ ପରିଣତ ହୋଇଛି । ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada










# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ’ଣକ’ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

# ପୁରାଣ କାହାଣୀ

## ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ। ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ “ରସାନନ୍ଦ ଜେନା” ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ। ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ “ପଲ୍ଲୀ ଚିତ୍ର” ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ “ନାନା ବାୟା ଗୀତ” ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

# ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ ‘ଜଗା ଜାସୁସ୍’ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା’ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

# ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା’ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ବିଲେଇଙ୍କୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

# ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଜୁଲାଇ ୦୭

# ୟୁ-ଟ୍ୟୁବ (ଅନ୍‌ଲାଇନ୍) ବନାମ୍ କ୍ଲାସ୍ ରୁମ୍ ଶିକ୍ଷା

ସମ୍ପ୍ରତି କରୋନା ମହାମାରୀ ଭଳି ଉତ୍କଟ ପରିସ୍ଥିତିରେ ଦୀର୍ଘ ଦେଢ ବର୍ଷରୁ ଅଧିକ ସମୟ ହେଲା ସ୍କୁଲ କଲେଜ ବନ୍ଦ ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ପିଲାମାନେ 'ପାଠ' ବୋଲି ଶବ୍ଦଟାକୁ ଭୁଲିଗଲେଣି। ଅବଶ୍ୟ ସରକାର ବିକଳ୍ପ ଭାବେ ଅନ୍‌ଲାଇନ୍ ଶିକ୍ଷା ଜରିଆରେ ପିଲାମାନଙ୍କ ପାଖରେ ଶିକ୍ଷାକୁ ପହଂଚାଇବାକୁ ପ୍ରାଣ ଉଦ୍ୟମ ଜାରି ରଖିଛନ୍ତି। କିଛି ଟାଉନ୍ ପିଲା ଯଦିଓ ଉପକୃତ ହୋଇପାରୁଛନ୍ତି କିନ୍ତୁ କିଛି ଗାଁରେ କରେଂଟ ନାହିଁ, କେରଂଟ ଥିଲେ ନେଟ୍ ୱାର୍କ ନାହିଁ, ନେଟ୍ ୱାର୍କ ଥିଲେ ପିଲାଙ୍କ ପାଖରେ ତଥା ଅଭିଭାବକଙ୍କ ପାଖରେ ସ୍ମାର୍ଟ ଫୋନ୍ ନାହିଁ। ସେ ଯାହାହେଉ ଅନେକ ପିଲା ଉପକୃତ ହେଉଛନ୍ତି। କରୋନା ସିଧାସଳଖ ମଣିଷ ଜୀବନ ସହିତ ଜଡିତ ଥିବାରୁ ଗଭୀର ପ୍ରଭାବ ପ୍ରତିକୂଳ ପ୍ରଭାବ ପକାଉଛି। ଅର୍ଥନୈତିକ କ୍ଷେତ୍ର, ମାନ୍ଦାଅବସ୍ଥା ଦେଖା ଦେଇଛି। ସାରା ବିଶ୍ୱରେ କରୋନା କାୟା ବିସ୍ତାର କରିଚାଲିଛି। ଏହି ମହାମାରୀକୁ ଆଖି ଆଗରେ ରଖି ସରକାର ୟୁ-ଟ୍ୟୁବ (ଅନ୍‌ଲାଇନ୍)ରେ ପିଲାଙ୍କ ପାଠପଢା ବ୍ୟବସ୍ଥା କରିଛନ୍ତି। ପ୍ରଥମ ଶ୍ରେଣୀରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ୟୁ-ଟ୍ୟୁବରେ ପାଠ ପଢିବା ଠିକ୍ ଅଛି କିନ୍ତୁ ସବୁକଥାରେ ଯୋଜନା ଆରମ୍ଭ କରିବର ଆଗରୁ ତୃଣମୂଳ ସ୍ତରରେ ଯେପରି ଯୋଜନା ପହଂଚିପାରିବ ଧ୍ୟାନ ଦେବା ଉଚିତ୍। ଆଶା ୟୁ-ଟ୍ୟୁବ୍ ଶିକ୍ଷା ଫଳପ୍ରଦ ହେବାର ଆଶା କରାଯାଉଛି। କୋଭିଡ-୧୯ରେ ସ୍କୁଲ ବନ୍ଦ ଥିବାରୁ ପିଲାଙ୍କ ପାଠପଢା ଗତ ମାର୍ଚ୍ଚ ମାସର ପୂର୍ବରୁ ଏ ପର୍ଯ୍ୟନ୍ତ ପ୍ରଭାବିତ ହୋଇଛି। ସେହିଭଳି କଲେଜ ଓ ବିଶ୍ୱ ବିଦ୍ୟାଳୟ ଖୋଲାଥିଲେ ବି ଛାତ୍ରଛାତ୍ରୀ ଆସୁନାହାନ୍ତି। କରୋନା ଜନିତ ସ୍ଥିତି ଯୋଗୁଁ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ପାଠ ପଢା ବନ୍ଦ ରହିଛି। ଏହାକୁ ଦୃଷ୍ଟିରେ ରଖି ସରକାର ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱ ବିଦ୍ୟାଳୟରେ ଅନ୍‌ଲାଇନ୍ ପାଠ ପଢାର ବ୍ୟବସ୍ଥା କରିଛନ୍ତି। ତେବେ ସରକାରୀ ବିଦ୍ୟାଳୟରେ ଅନ୍‌ଲାଇନ୍ ଶିକ୍ଷାବ୍ୟବସ୍ଥା ସବୁ ଛାତ୍ରଛାତ୍ରୀଙ୍କ ପାଖରେ ପହଂଚିପାରୁ ନାହିଁ। ସୂଚନା ଯୋଗ୍ୟ ଯେ, ରାଜ୍ୟରେ ସରକାରୀ ବିଦ୍ୟାଳୟ ଗୁଡିକରେ ପଢୁଥିବା ୬୦ ଲକ୍ଷ ପିଲାଙ୍କ ମଧ୍ୟରୁ ୨୨ ଲକ୍ଷ ପିଲା କେବଳ ଅନଲାଇନରେ ପଢୁଛନ୍ତି ବୋଲି ଖବର ଅଛି। ଖାଲି ହ୍ୱାଟସ୍‌ଆପ୍ ଗ୍ରୁପ ପ୍ରସ୍ତୁତ ହୋଇଛି ସେତିକି ମଧ୍ୟ ପର୍ଯ୍ୟାପ୍ତ ନୁହଁ। କେବଳ ଖୋର୍ଦ୍ଧା, କଟକ, ପୁରୀ, ଜିଲ୍ଲା କୁ ଛାଡି ଦେଲେ ଆଉ କୌଣସି ଜିଲ୍ଲାର ୫୦ ପ୍ରତିଶତ ଛାତ୍ରଛାତ୍ରୀ ଶିକ୍ଷା ସଂଯୋଗ କାର୍ଯ୍ୟକ୍ରମରେ ସାମିଲ ହୋଇପାରୁନାହାଁନ୍ତି। ଏପରିକି ଅଧା ଜିଲ୍ଲାରେ ଶିକ୍ଷା ସଂଯୋଜକ କାର୍ଯ୍ୟକ୍ରମ ୩୦%ରୁ କମ୍ ରହିଛି। କନ୍ଧମାଳ,ମାଲକାନଗିରି, ନବରଙ୍ଗପୁର, ରାୟଗଡା, କୋରାପୁଟ, ଗଜପତି, ଦେବଗଡ ଜିଲ୍ଲାର ୮୦ରୁ ୯୦% ପିଲାଙ୍କ ପାଖରେ ସ୍ମାର୍ଟ ଫୋନ୍ ନାହିଁ। ରାୟଗଡା, ମାଲକାନଗିରି, କନ୍ଧମାଳ, ନୁଆଁପଡା, ପରି ଉପାନ୍ତ ଜିଲ୍ଲାର ଅଭିଭାବକଙ୍କ ପାଖରେ ମୋବାଇଲ ନାହିଁ। ଅଧିକାଂଶ ମୋବାଇଲ କଣ ଜାଣିନାହାଁନ୍ତି। ବ୍ୟବହାର ଜାଣିନାହାନ୍ତି। ଖୋର୍ଦ୍ଧା, ବରଗଡ, ଝାରସୁଗୁଡା, କେନ୍ଦ୍ରପଡା, ସୋନପୁର, ଜଗତସିଂହପୁର, କଟକ, ଢେଙ୍କାନାଳ, ପୁରୀ, ବାଲେଶ୍ୱର, ସୁନ୍ଦରଗଡ, ଯାଜପୁର ଓ ନୟାଗଡ ଆଦି ଜିଲ୍ଲା ବ୍ୟତୀତ ଆଉ କୌଣସି ଜିଲ୍ଲାରେ ୩୦ପ୍ରତିଶତ ଅଭିଭାବକଙ୍କ ନିକଟରେ ମୋବାଇଲ ନାହିଁ। ସେହିପରି ଦଶମ ଶ୍ରେଣୀ ପିଲାଙ୍କ ପାଇଁ ପ୍ରସାରିତ ହୋଇଥିବା କାର୍ଯ୍ୟକ୍ରମ ଟିଭି ଦେଖି ଜାଣିପାରୁଛନ୍ତି। ମାତ୍ର କେବଳ ୬୧.୯୩ ପ୍ରତିଶତ ପିଲାଙ୍କ ଘରେ ଟିଭି ଅଛି। ତେଣୁ ଅନେକ ପିଲା ଅନ୍‌ଲାଇନ୍‌ରେ ପାଠପଢାରୁ ବଂଚିତ ହେଉଛନ୍ତି। ଏକ ରିପୋର୍ଟରୁ ଜଣାପଡିଛି ଯେ ସରକାରୀ ତଥା ବେସରକାରୀ କଲେଜରେ ଆରମ୍ଭ ହୋଇଥିବା ଅନ୍‌ଲାଇନ୍ କ୍ଲାସ ସେମିତି ଆଖିଦୃଷ୍ଟିଆ ସଫଳତା ଆଣିଦେଇନି। ମିଳିଥିବା ସୂଚନା ଅନୁଯାୟୀ ସହରାଂଚଳର ହାରାହାରି ୩୫ ପ୍ରତିଶତ ଛାତ୍ରଛାତ୍ରୀ ଅନ୍‌ଲାଇନ୍‌ରେ ପାଠ ପଢିପାରୁଥିବାବେଳେ ୨୫ ପ୍ରତିଶତ ଛାତ୍ରଛାତ୍ରୀ ବଂଚିତ ହେଉଛନ୍ତି। ତେବେ ଗ୍ରାମାଂଚଳର ଛାତ୍ରଛାତ୍ରୀଙ୍କ ଉପସ୍ଥାନ ପ୍ରାୟ ୪୦% ରହିଥିବା ବେଳେ ୬୦ ପ୍ରତିଶତ ବିଦ୍ୟାର୍ଥୀ ଅନ୍‌ଲାଇନ୍ ପାଠ ପଢିବାରୁ ବଂଚିତ ହେଉଛନ୍ତି। କାରଣ ଅଧିକାଂଶ ବିଦ୍ୟାର୍ଥୀଙ୍କ ପାଖରେ ସ୍ମାର୍ଟ ଫୋନ୍, ଲାପଟାପ୍ ନଥିବାବେଳେ ଇଂଟରନେଟ୍ ସୁବିଧା ମିଳୁନାହିଁ। ଏପରିକି ବଡ ବଡ ନାମ ଯାହା ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟରେ ଫଳପ୍ରଦ ହୋଇପାରୁନି ବୋଲି ସେଠାକାର କିଛି ଅଧ୍ୟାପକ ବ୍ୟକ୍ତି କରିଛନ୍ତି। ଅଧ୍ୟାପକଙ୍କ କଥା ଛାତ୍ରଛାତ୍ରୀ ଶୁଣି ପାରୁନଥିବା ଅଭିଯୋଗ ମଧ୍ୟ ଆସିଛି। ଅନ୍‌ଲାଇନ୍ ଶିକ୍ଷା ଫଳପ୍ରଦ ହୋଇପାରୁନି। କିଛି ବିଭାଗରେ ଅଧ୍ୟାପକ ତଥା ଶିକ୍ଷକ ନାହାନ୍ତି। ଏକ ସର୍ଭେରୁ ଜଣାପଡିଛି ଭାରତରେ ଥିବା ୬,୪୯,୪୮୧ ଗ୍ରାମରୁ ୨୩,୭୨୧ ଗ୍ରାମରେ ଏ ପର୍ଯ୍ୟନ୍ତ ମୋବାଇଲ ନେଟ୍ ସଂଯୋଗ ହୋଇପାରିନାହିଁ। ଆମ ରାଜ୍ୟ କଥା ଦେଖିଲେ ୬୫୪୯ ଗ୍ରାମରେ ନେଟ୍ ସୁବିଧା ନାହିଁ। ୟୁ-ଟ୍ୟୁବ୍ ତଥା ଅନ୍‌ଲାଇନ୍ ଶିକ୍ଷାରେ ନେଟର ଯଥେଷ୍ଟ ଗୁରୁତ୍ୱ ରହିଛି। ଏପଟେ ମଧ୍ୟବିତ ପରିବାର ପାଇଁ ଦାମୀ ସ୍ମାର୍ଟ ମୋବାଇଲ କିଣିବା କଷ୍ଟସାଧ। କେଉଁଠି କେଉଁଠି ବିଦ୍ୟାର୍ଥୀଙ୍କୁ ପାହାଡ ଚଢି ଯିବାକୁ ପଡୁଛି ତ କେଉଁଠି କେଉଁଠି ରାସ୍ତାକଡରେ କିଛି ଦୂରଯାଇ, କେଉଠି ଗଛ ଉପରେ ଚଢି ନେଟ୍ ଥିବା ସ୍ଥାନରେ ଯାଇ ପଢିବାକୁ ପଡୁଛି। ଏ ସବୁ ଦେଖିଲେ କ୍ଲାସ୍ ରମ୍ ଗୁରୁଙ୍କ ଠାରୁ ପ୍ରତ୍ୟେକ୍ଷ ଭାବେ ପାଉଥିବା ଶିକ୍ଷା ହେଉଛି ପ୍ରକୃତ ଶିକ୍ଷା। ଗୁରୁଙ୍କର ଯାଗା କେହିବି ନେଇପାରିବେ ନାହିଁ। କ୍ଲାସ୍ ରୁମ୍ ଶିକ୍ଷା ତଥା ଗୁରୁଙ୍କର ପ୍ରଦାନ ଶିକ୍ଷାର ବିକଳ୍ପ ନାହିଁ। ଅନ୍ୟ ଅର୍ଥରେ କହିବାକୁ ଗଲେ ଗୁଗୁଲ୍ କେବେ ବି ଗୁରୁଙ୍କର ସ୍ଥାନ ନେଇ ପାରିବନାହିଁ। କୋଭିଡ୍-୧୯ ପରିପ୍ରେକ୍ଷୀରେ ୟୁ-ଟ୍ୟୁବ୍ ଶିକ୍ଷା ପ୍ରଦାନ ପଦ୍ଧତି ସ୍ୱାଗତ ଯୋଗ୍ୟ। ଏଥିରେ ତଳେ ମାତ୍ର ସନ୍ଦେହନାହିଁ। କିନ୍ତୁ କ୍ଷୋଭରେ ବିଷୟ ସମସ୍ତଙ୍କ ପାଖରେ ଏହା ପହଂଚି ପାରୁନାହିଁ। ଏ ପ୍ରସଙ୍ଗରେ ଏତିକି କୁହାଯାଇପାରେ କୁଳପତି, ପ୍ରାଧ୍ୟାପକ, ଶିକ୍ଷକଙ୍କ କ୍ଲାସ୍ ରୁମ୍ ଶିକ୍ଷା ଦାନ ପଦ୍ଧତିର ଜାଗା ଅନ୍‌ଲାଇନ୍ ୟୁ-ଟ୍ୟୁବ୍ ନେଇ ପାରିବ ନାହିଁ। ନିମ୍ନ ଆୟକାରୀ ତଥା ମଧ୍ୟବିତ ପରିବାରର ଅଭିଭାବକ ଏହି କୋଭିଡ-୧୯ ସଂକଟ ସମୟରେ ସ୍ମାର୍ଟ ଫୋନ୍ କିଣିବା, ନେଟ୍ ପେକ୍ ପକାଇବା ଅବସ୍ଥାରେ ସେମାନେ ନାହାଁନ୍ତି। ଆମକୁ ମନେରଖିବାକୁ ରଖିବାକୁ ହେବ ଯେ ଶିକ୍ଷା ହିଁ ପ୍ରଗତିର ଚାବିକାଠି। ଏହା ବିଦ୍ୟାର୍ଥୀମାନଙ୍କ ଭବିଷ୍ୟତ ଗଢିବାରେ ସହାୟକ ହୋଇଥାଏ। କିନ୍ତୁ ମହାମାରୀ କରୋନା ଆମକୁ ସାମାଜିକ ଦୂରତା ବଜାୟ ରଖିବାକୁ ବାଧ କଲା। ଏହି ମହାମାରୀ କେତେଦିନ ଧରି ରହିବ ତାହା ଆମକୁ ଏବେ ଠୁ କହିହେଉନାହିଁ। ତଥାପି କରୋନା କଟକଣା ଭିତରେ ଆମକୁ ତ ବଂଚିରହିବାକୁ ପଡିବ। ତେଣୁ ୟୁ-ଟ୍ୟୁବ୍ ଓ ଅନଲାଇନ୍ ପାଠପଢା ଅପେକ୍ଷା ଶ୍ରେଣୀ ଗୃହ ପାଠପଢା ଅଧିକ ଫଳପ୍ରଦ ହେବ ବୋଲି ଶିକ୍ଷାବିତ୍ ମାନେ ମତ ପୋଷଣ କରିଛନ୍ତି। କାରଣ ଏହା ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତ୍ୟେକ୍ଷ ସମ୍ପର୍କ ସୃଷ୍ଟି ସାଙ୍ଗକୁ ନିଜ ନିଜର ସନ୍ଦେହ ଦୂର କରିବାରେ ଛାତ୍ରଛାତ୍ରୀ ମାନଙ୍କୁ ସହାୟକ ହୋଇଥାଏ।



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

ପାଠକୀୟ ମତାମତ ଓ ପରାମର୍ଶ 'ସ୍ୱପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ଲୋକପ୍ରିୟ ଥିଲେ ବିଶିଷ୍ଟ ଲେଖକ ଗନ୍ଧର୍ବ ସେନ ରଣା

ଏମିତି କେତେକ ଯୋଗଜନ୍ମା ଅଛନ୍ତି, ଯେଉଁମାନେ ସମସାମୟିକ ବ୍ୟକ୍ତିମାନଙ୍କ ଠାରୁ ଅଧିକ ଯଶ-ଖ୍ୟାତିର ଅଧିକାରୀ ହୋଇଥାନ୍ତି ଓ ଅଜାତଶତ୍ରୁର ଆଖ୍ୟା ପାଆନ୍ତି। ଏମିତି ଜଣେ ବ୍ୟକ୍ତିତ୍ୱ ହେଲେ, ସ୍ୱର୍ଗତ ଗନ୍ଧର୍ବ ସେନ ରଣା। ଅନଗୁଳ ଜିଲ୍ଲା ଅନ୍ତର୍ଗତ ବଅଁରପାଳର ତଳମୂଳ ଶାସନ ଗ୍ରାମରେ ୧୯୫୪ ମସିହା ଅପ୍ରେଲ ୩ ତାରିଖରେ ସ୍ୱର୍ଗତ ରଣା ଜନ୍ମ ଗ୍ରହଣ କରିଥିଲେ। ସେ ଏକାଧାରରେ ଜଣେ ଭଲ ମଣିଷ, ବିଶିଷ୍ଟ ଶିଶୁ ସାହିତ୍ୟିକ, ଅନୁବାଦକ ଓ କର୍ତ୍ତବ୍ୟନିଷ୍ଠ ସରକାରୀ କର୍ମଚାରୀ ଭାବେ ଜଣାଶୁଣା। ଦୀର୍ଘ ୩୫ ବର୍ଷ ଧରି ଓଡ଼ିଶା ରାଜ୍ୟ ସଚିବାଳୟରେ ବିଭିନ୍ନ ପଦ ପଦବୀରେ ଅବସ୍ଥାପିତ ହୋଇ ସ୍ୱର୍ଗତ ରଣା ୨୦୧୪ରେ ଅବସର ନେଇଥିଲେ। ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ତାଙ୍କର ବହୁ ଅବଦାନ ରହିଛି। ସେ ନିୟମିତ ଭାବେ ଲୋଖାଲେଖି କରୁଥିଲେ ଓ ବିଭିନ୍ନ ପତ୍ରପତ୍ରିକା ଓ ସମ୍ବାଦପତ୍ରରେ ତାଙ୍କର ଲେଖା ପ୍ରକାଶ ପାଉଥିଲା। ମୁଖ୍ୟତଃ ପିଲାଙ୍କ ପାଇଁ ସେ ଅଧିକ ଲେଖୁଥିଲେ। ତାଙ୍କ ଲିଖିତ ୪୦ରୁ ଉର୍ଦ୍ଧ୍ୱ ପୁସ୍ତକ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଛି। ତାଙ୍କ ପୁସ୍ତକ ଗୁଡ଼ିକ ମଧ୍ୟରେ ଶ୍ରୀ ଗଣେଷ, ଆମ ସମ୍ବିଧାନ,ମହକ ପରୀ, କଳିଙ୍ଗ ସମ୍ରାଟ ମରିନାହିଁ, ରାଜକୁମାରୀ, କଳଙ୍କିତ ଚନ୍ଦ୍ରମା, ମାୟାପୁରୀ, ଅଳକାପୁରୀ, ଶ୍ରୀକ୍ଷେତ୍ର ତଥ୍ୟାବଳୀ, ସହର ପରିକ୍ରମା, ସପ୍ତ ତୀର୍ଥ ମହିମା, ବାର ବିଚିତ୍ରା, ପିଲାଙ୍କ ସାଧାରଣ ଜ୍ଞାନ, କହି ଜାଣିଲେ କଥା ସୁନ୍ଦର, ପରିବାର, ଇତିହାସର ଆଇନାରେ, ଅନୁବାଦ ପୁସ୍ତକ ରାଜକୁମାରୀ, ଦେଶବିଦେଶର ଶିଶୁ, ଅମର ଜୀବନ(ବୁଦ୍ଧଙ୍କର କାହାଣୀ), ଗଳ୍ପ ସଂକଳନ ସହର ପରିକ୍ରମା, ଓଡ଼ିଶାର ଲୋକକଥା, ଭାରତୀୟ ଲୋକକଥା ଇତ୍ୟାଦି ଅନ୍ୟତମ। ଅବସର ପରେ ସେ ନିୟମିତ ଲେଖାଲେଖି କରିବା ସହିତ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ସଚିବାଳୟରେ ଜଣେ କର୍ତବ୍ୟନିଷ୍ଠ କର୍ମଚାରୀ ଭାବେ ସ୍ୱର୍ଗତ ଗନ୍ଧର୍ବ ସେନଙ୍କର ସୁନାମ ଥିଲା। ସହକର୍ମୀ ମାନଙ୍କ ସହ ତାଙ୍କର ଘନିଷ୍ଠ ସଂପର୍କ ଥିଲା। ବିଭିନ୍ନ ସମୟରେ ସେ ଅନେକ ମନ୍ତ୍ରୀଙ୍କ ଅତିରିକ୍ତ ବ୍ୟକ୍ତିଗତ ସଚିବ ଏବଂ ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ସଫଳତାର ସହ କାର୍ଯ୍ୟ ତୁଲାଇଥିଲେ।



ଶରତ କୁମାର ରାଉତ

ସେ ଜଣେ ଆଦର୍ଶ ସରକାରୀ କର୍ମଚାରୀ, ଅମାୟିକ, ପରୋପକାରୀ ଓ ବନ୍ଧୁବତ୍ସଳ ଭାବରେ ଭୁବନେଶ୍ୱର ସମେତ ତାଙ୍କ ଜନ୍ମସ୍ଥାନ ଅନଗୁଳ ଅଂଚଳରେ ଖ୍ୟାତି ଅର୍ଜନ କରିଛନ୍ତି। ପ୍ରତି ମଣିଷକୁ ସେ ଭଲ ପାଆନ୍ତି। ସମସ୍ତଙ୍କୁ ସେ ସହଯୋଗର ହାତ ବଢାନ୍ତି। ସେଥିପାଇଁ ସେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ। ବାସ୍ତବରେ ସେ କାହାକୁ ନିଜର ଶତ୍ରୁ ବୋଲି ଭାବୁନଥିଲେ ଓ ସମସ୍ତଙ୍କୁ ସେ ବନ୍ଧୁତା ରଜ୍ଜୁରେ ବାନ୍ଧୁଥିଲେ। ତାଙ୍କର ଅମାୟିକ ବ୍ୟବହାର, ବନ୍ଧୁବତ୍ସଳତା ଓ ପରୋପକାରୀ ମନୋଭାବ ଆଦି ମାନବୀୟ ଗୁଣ ପାଇଁ ସେ ଚିରଦିନ ଆମ୍ଭମାନଙ୍କ ଭିତରେ ସ୍ମରଣୀୟ ହୋଇ ରହିବେ। ସେ ମଧ୍ୟ ଗଭୀର ଈଶ୍ୱର ବିଶ୍ୱାସୀ ଥିଲେ। ତାଙ୍କର ୨ପୁତ୍ର, ୨ଝିଅ, ଜ୍ୱାଇଁ, ନାତି, ନାତୁଣୀ ଅଛନ୍ତି। ବାସ୍ତବରେ ମଣିଷ ପରି ମଣିଷଟିଏ ଥିଲେ ଗନ୍ଧର୍ବ ସେନ ରଣା, କୋଟିକରେ ଗୋଟିଏ। ଆଜି ମଧ୍ୟ ତାଙ୍କୁ ଭଲ ପାଉଥିବା ଲୋକଙ୍କ ଆଖିରୁ ଲୁହ ଝରୁଛି। ସେ ଥିଲେ ମୋର(ଲେଖକ)ଜଣେ ବଡ଼ଭାଇ ଭଳି। ମୁଁ ଅଭିଭୂତ ହୋଇଛି ତାଙ୍କର ଅମାୟିକତ୍ୱ ଓ ମଣିଷ ପଣିଆ ଦେଖି। ସମସ୍ତଙ୍କ ପାଇଁ ସେ ପାଲଟି ଯାଇଥିଲେ ଯେମିତି ଏକ ସଫଳ ମଣିଷର ସଜ୍ଞା। ମୃତ୍ୟୁ ଚିରନ୍ତନ ସତ୍ୟ। ଏହା ଯେତେ ନିଷ୍ଠୁର ଓ କଠୋର ଲାଗିଲେ ବି ସମସ୍ତେ ଗ୍ରହଣ କରିବାକୁ ବାଧ୍ୟ। ଭଗବାନ ଯାହାକୁ ବେଶୀ ଭଲ ପାଆନ୍ତି, ତାକୁ ନିଜ ପାଖକୁ ଶୀଘ୍ର ନେଇ ଯାଆନ୍ତି ବୋଲି ଧାରଣା ରହିଛି। ଗନ୍ଧର୍ବ ସେନ ରଣାଙ୍କ କ୍ଷେତ୍ରରେ ସେଇଆ ଘଟିଲା ବୋଲି ଆମେ ଭାବୁଛୁ। ଏତେ ଶୀଘ୍ର ସମସ୍ତଙ୍କୁ ଠକି ଦେଇ ହଠାତ୍ ଚାଲିଯିବ ବୋଲି ଆମେ ଭାବିନଥିଲୁ। ହେ, ଯୋଗଜନ୍ମା କର୍ମବୀର, ବର୍ଷକ ତଳେ ଗୋଟିଏ ଅଦିନିଆ ଝଡ଼ଟିଏ ଆସିଲା, ତୁମେ ଏମିତି ବାହୁଡ଼ି ଗଲ ଯେ ଆଉ ଫେରିଲନି! ଆଜି ମଧ୍ୟ ତୁମର ଅମ୍ଳାନ କିର୍ତୀ ସମସ୍ତଙ୍କ ସାମ୍ନାରେ ଭାସି ଉଠୁଛି। ତୁମ ପାର୍ଥିବ ଶରୀର ସିନା ପଂଚଭୂତରେ ଲୀନ ହୋଇଯାଇଛି, ହେଲେ ତୁମର ସଫଳ କାର୍ଯ୍ୟ, କର୍ତ୍ତବ୍ୟ ପରାୟଣତା ଓ ହସ ହସ ମୁହଁ ତୁମକୁ ଚିରଦିନ ପାଇଁ ଅମର କରି ରଖିବ। ତୁମେ ଯେଉଁଠି ଥାଅ-ଭଲରେ ଥାଅ! ତୁମ ଅମର ଆତ୍ମାର ସଦଗତି ନିମନ୍ତେ ଆମେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର,
ମୋ: ୯୩୩୭୭୩୬୯୪୪୮

# ସଂଖ୍ୟାଲଘୁ ପ୍ରେମର ନୂଆ ଅଧ୍ୟାୟ

ରବି ନାରାୟଣ ପଣ୍ଡା

କେନ୍ଦ୍ରାପଡ଼ା ସାଂସଦ କେନ୍ଦ୍ର ସରକାରଙ୍କୁ ଏକ ଚିଠି ଲେଖିଛନ୍ତି ଜିଲ୍ଲାର ମୁସଲିମ ଜନତାଙ୍କୁ ଅଧିକ ସୁବିଧା ସୁଯୋଗ ପ୍ରଦାନ କରିବା ପାଇଁ। ମୁକ୍ତାର ଆବାସ ନକଭିଙ୍କୁ ଲେଖିଥିବା ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ, କେନ୍ଦ୍ରାପଡ଼ା ଜିଲ୍ଲାକୁ ଭଦ୍ରକ ଓ ସୁନ୍ଦରଗଡ଼ ଭଳି ସଂଖ୍ୟାଲଘୁ ଜିଲ୍ଲାର ମାନ୍ୟତା ପ୍ରଦାନ କରାଯାଉ। ସାଂସଦ ନିଜର ଲେଟରହେଡ୍‌ରେ ଲେଖିଥିବା ଚିଠିରେ ଦର୍ଶାଇଛନ୍ତି; ଆମର ମାନନୀୟ ମୁଖ୍ୟମନ୍ତ୍ରୀ ମଧ୍ୟ ସଂଖ୍ୟାଲଘୁ ସମୁଦାୟର ବିଶେଷ ଯତ୍ନ ନେଉଛନ୍ତି । ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସେମାନଙ୍କ ବିକାଶ ପାଇଁ କେନ୍ଦ୍ରାପଡ଼ାରେ ଖର୍ଚ୍ଚ କରିବାକୁ ଦାବି କରିଛନ୍ତି । ସବୁଠାରୁ ବଡ଼ ବିସଙ୍ଗତି, ସାଂସଦଙ୍କ ଦାବିକୁ ଭାରତୀୟ ଆଇନର ବିରୋଧ କରୁଛି । ଗୋଟିଏ ଜିଲ୍ଲାକୁ ସଂଖ୍ୟାଲଘୁ ବହୁଳ ଜିଲ୍ଲା ଭାବରେ ଘୋଷଣା କରିବାକୁ ହେଲେ ସେହି ଜିଲ୍ଲାର ସଂଖ୍ୟାଲଘୁମାନଙ୍କର ଜନସଂଖ୍ୟା ସର୍ବନିମ୍ନ ୨୫% ହେବା ଆବଶ୍ୟକ । କେନ୍ଦ୍ରାପଡ଼ାର ମୋଟ ଜନସଂଖ୍ୟାର ସଂଖ୍ୟାଲଘୁ ଜନସଂଖ୍ୟା ୨୫% ନୁହେଁ । ୨୦୧୧ ଜନଗଣନା ଅନୁସାରେ ମୁସଲିମ ଜନସଂଖ୍ୟା ୩.୪୯% । ଅର୍ଥାତ ସାଂସଦଙ୍କ ଦାବି ଆଇନ ଅନୁମୋଦିତ ନୁହେଁ । ଯଦି ଅନୁଭବ ନିୟମ ବିଷୟରେ ଅବଗତ ନୁହଁନ୍ତି, ତାହେଲେ ସେ ସଂମ୍ପୂର୍ଣ୍ଣ ମୁର୍ଖ କିମ୍ବା ଅଜ୍ଞ ବୋଲି ଧରି ନିଆଯିବ । ଯଦି ଜାଣି ଶୁଣି ଦାବି କରୁଛନ୍ତି ତାହେଲେ ସେ ତୁଷ୍ଟିକରଣ ରାଜନୀତି କରୁଛନ୍ତି ବୋଲି କହିବାକୁ ହେବ ।
ସାଂସଦ ଏକଥା ଜାଣି ରଖିବା ଉଚିତ ଭଦ୍ରକକୁ ସଂଖ୍ୟାଲଘୁ କମ୍ୟୁନିଟ ଜିଲ୍ଲା (Minority Community District)ହିସାବରେ ସୀକୃତି ଦିଆଯାଇ ନାହିଁ । ବରଂ ଏହାକୁ ସଂଖ୍ୟାଲଘୁ କନ୍‌ସେନଟ୍ରାଟେଡ ଜିଲ୍ଲା (Minority Concentrated District)ଭାବରେ ସ୍ୱୀକୃତି ଦିଆଯାଇଛି । ଭଦ୍ରକ ଜିଲ୍ଲାର ମୁସଲିମ ଜନ ସଂଖ୍ୟା କେନ୍ଦ୍ରାପଡାର ଦୁଇଗୁଣ ଅଟେ , ଅର୍ଥାତ ୬.୯୨ ପ୍ରତିଶତ । ଏପରି ସ୍ଥଳେ ଭଦ୍ରକକୁ ଉଦାହରଣ ଦେଇ କେନ୍ଦ୍ରମନ୍ତ୍ରୀ ମୁକ୍ତାର ଆବାସ ନକଭି ଓ କେନ୍ଦ୍ରାପଡା ଜିଲ୍ଲା ବାସୀଙ୍କୁ ଭ୍ରମିତ କରିଛନ୍ତି । ଅନୁଭବଙ୍କ ଦାବୀ ତଥ୍ୟ କିମ୍ବା ସତ୍ୟ କୌଣସି ଆଧାରରେ ଯୁକ୍ତି ଯୁକ୍ତ ନୁହଁ। ନିଜ ପତ୍ରରେ ସେ ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସଂଖ୍ୟାଲଘୁମାନଙ୍କର ବିଶେଷ ଯତ୍ନ ନେଉଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି ସଂଖ୍ୟାଲଘୁ ତୁଷ୍ଟିକରଣ ବିଜୁଜନତା ଦଳର ରଣନୀତି କି ? ନା! ଏହା ନବୀନ ପଟ୍ଟନାୟକଙ୍କର ନିଜସ୍ୱ ରଣନୀତି । ଯାହାକୁ ଅନୁଭବ ମହାନ୍ତି ଆଦର୍ଶ ଭାବେ ଗ୍ରହଣ କରି କାର୍ଯ୍ୟ କରୁଛନ୍ତି । ସାଂସଦ ଏହା ଜାଣି ରଖିବା ଉଚିତ ୨୫% ଜନସଂଖ୍ୟାର ମାପକାଠି ୨୫ ଫେବୃଆରୀ ୨୦୦୫ରେ ସେ ସମୟର ରାଷ୍ଟ୍ରପତି ନିଜ ଅଭି ଭାଷଣରେ ଉଲ୍ଲେଖ କରିଥିଲେ । ସଂସଦର ଉଭୟ ସଦନରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସଂଖ୍ୟାଲଘୁ କଲ୍ୟାଣ ପାଇଁ ନିଆଯାଇଥିବା ୧୫ ସୁତ୍ରୀ କାର୍ଯ୍ୟକ୍ରମକୁ ଆଗକୁ ବଢେଇବା ପାଇଁ ପରାମର୍ଶ ଦେଇଥିଲେ । ମନମୋହନ ସିଂଙ୍କ ସରକାରରେ ସମସ୍ତେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଲାଗି ପଡ଼ିଥିଲେ । ଏହା ପରେ ବି ସାଂସଦ ୩.୪୯% ଜନତାଙ୍କ ପାଇଁ ସଂଖ୍ୟାଲଘୁ ଜିଲ୍ଲା ଦାବି କରିବା ତାଙ୍କର ନ୍ୟସ୍ତସ୍ୱାର୍ଥ ମାନସିକତାକୁ ପ୍ରମାଣିତ କରୁଛି । ଅନୁଭବ ମହାନ୍ତିଙ୍କୁ ଏକଥା ସ୍ପଷ୍ଟ ରୁପରେ ମନେରଖିବାକୁ ପଡ଼ିବ ଯେ, କେନ୍ଦ୍ରାପଡ଼ା ଜିଲ୍ଲାର ୩.୪୯% ମୁସଲିମ ଜନତାଙ୍କର ଭୋଟରେ ସାଂସଦ ଜିତିନାହାଁନ୍ତି । ୯୬.୨୮% ପ୍ରତିଶତ ହିନ୍ଦୁ ମଧ୍ୟ ତାଙ୍କୁ ଭୋଟ ଦେଇ ଜିତେଇଛନ୍ତି । ଯଦି ସେ କେବଳ ଗୋଟିଏ ବର୍ଗ ପାଇଁ ଲଢେଇ କରିବେ ତାହେଲେ ଏହା ୯୬.୨୮% ହିନ୍ଦୁଙ୍କ ପ୍ରତି ବିଶ୍ୱାସଘାତକତା ହେବ । ସମ୍ଭବତଃ ଆରାଧ୍ୟ ଦେବ ବଳଦେବ ଜୀଉଙ୍କ ପ୍ରତି ମଧ୍ୟ ବିଶ୍ୱାସଘାତକତା ହେବ । ୩.୪୯% ମୁସଲିମ ଭୋଟରଙ୍କ ସୁଖ ସୁବିଧାର ଚିନ୍ତା କରୁଥିବା ଅନୁଭବ ଯଦି ୯୬.୨୮% ହିନ୍ଦୁଙ୍କର ରୋଷର ଶିକାର ହେବେ ତା ହେଲେ ପରିଣାମ କଣ ହେବ ? ଅନୁଭବଙ୍କ ଏହି ଦାବି ସ୍ପଷ୍ଟ ରୁପରେ ଅପରିଣାମଦର୍ଶୀ ଅଟେ । ପାର୍ଟିର ସର୍ବୋଚ୍ଚ ନେତା ଏପରି ନିଷ୍ପତି ଉପରେ ହସ୍ତକ୍ଷେପ କରିବା ଉଚିତ । ଏହି ଭଳି ଗୋଟିଏ ଗୋଟିଏ ଅପରିଣାମର୍ଶୀ ନିଷ୍ପତି ସଂମ୍ପୂର୍ଣ୍ଣ ଜିଲ୍ଲାରେ ସାମ୍ପ୍ରଦାୟିକ ଉତେଜନା ସୃଷ୍ଟି କରିବ । ଭାରତୀୟ ଜନତା ପାର୍ଟି ଗଣମାଧମକୁ ଡ଼ାକି ସାମ୍ବାଦିକ ସମ୍ମିଳନୀରେ ତିବ୍ର ପ୍ରତିକ୍ରିୟା ଦେଇସାରିଛି । ସାଂସଦଙ୍କର ଚିଠି ସାମାଜିକ ଗଣମାଧମରେ ଭାଇରାଲ ହୋଇଛି । କେନ୍ଦ୍ରାପଡ଼ାର ବୁଦ୍ଧିଜୀବିମାନେ ଏହାକୁ ଘୋର ବିରୋଧ କରୁଛନ୍ତି । ମୁସଲିମ ଭୋଟର ଅତ୍ୟଧିକ ସଙ୍ଗଠିତ । ଗତ କିଛିଦିନ ତଳେ ପଶ୍ଚିମବଙ୍ଗରେ ଅନୁଷ୍ଠିତ ନିର୍ବାଚନକୁ ଉଦାହରଣ ଭାବରେ ନିଆଯାଇପାରେ । ନିର୍ବାଚନରେ ମତ ସାବ୍ୟସ୍ତ କରିଥିବା ୯୪% ପ୍ରତିଶତ ମୁସଲିମ ମତାଦାତାଙ୍କ ମଧ୍ୟରୁ ୯୧% ତୃଣମୂଳ କଂଗ୍ରେସକୁ ଭୋଟ ଦେଇଥିଲେ । କେନ୍ଦ୍ରାପଡ଼ା ସହରରେ ୨୦୧୧ ଜନଗଣନା ଅନୁସାରେ ମୁସଲିମ ଜନସଂଖ୍ୟା ଥିଲା ୩୧.୬୪% । ଅର୍ଥାତ କେନ୍ଦ୍ରାପଡ଼ା ସହରର ମୁସଲିମ ଜନ ସଂଖ୍ୟାକୁ ଆଖି ଆଗରେ ରଖି ସାଂସଦ ଏପରି ରଣନୀତି ତିଆରି କରିଥାଇ ପାରନ୍ତି । କିନ୍ତୁ ପ୍ରଶ୍ନ ଉଠୁଛି ଭାରତୀୟ ସମ୍ବିଧାନ କ'ଣ ଏପରି ବିଭାଜନର ରାଜନୀତିକୁ ସ୍ୱୀକୃତି ପ୍ରଦାନ କରେ କି ? ଯଦି ନୁହେଁ ତା'ହେଲେ କ'ଣ ଅନୁଭବ ସମ୍ବିଧାନ ବିରୋଧୀ କାର୍ଯ୍ୟ କରୁଛନ୍ତି କି ? ଏଭଳି ଅନେକ ପ୍ରଶ୍ନର ଉତର ନିର୍ବାଚନ ହିଁ ଦେଇ ପାରିବ ।ବର୍ତମାନ ପରିସ୍ଥିତିରେ ସାଂସଦ କେନ୍ଦ୍ରାପଡ଼ାର ସମସ୍ତ ଜନତାଙ୍କର ସୁଖ ସମୃଦ୍ଧି ବିଷୟ ଚିନ୍ତା କରିବା ଉଚିତ । କେନ୍ଦ୍ରାପଡ଼ାରେ ବହୁ ସ୍ଥାନ ଅଛି, ଯେଉଁଠି ଘୋର ଦାରିଦ୍ର୍ୟତା ରହିଛି । କିନ୍ତୁ ସାଂସଦ କେବଳ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ବିକାଶ ପାଇଁ ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ନମାଗି ସଂମ୍ପୂର୍ଣ୍ଣ ସଂସଦୀୟ କ୍ଷେତ୍ରର ଗରିବ ମାନଙ୍କର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ଠାରୁ ଅର୍ଥ ଦାବି କରିଥିଲେ, ସମ୍ଭବତଃ ଏପରି ବିବାଦ ହୋଇନଥାନ୍ତା । ଓଡିଶାରେ ବିଭାଜନ ରାଜନୀତିର ନୂଆ ଅଧ୍ୟାୟ ଆରମ୍ଭ ନକରି ଏକ ଆଦର୍ଶ ସାଂସଦର ଉଦାହରଣ ପ୍ରସ୍ତୁତ କରିବା ଉଚିତ ।କେନ୍ଦ୍ରାପଡାରେ ଆଗରୁ ସାଂପ୍ରଦାୟିକ ଦଙ୍ଗା ଅନେକ ଥର ସଂଗଠିତ ହେଉଥିଲା । ଏବେ ସେ ପରି ପରିସ୍ଥିତି ନାହିଁ କିନ୍ତୁ ସାଂସଦଙ୍କ ଏପରି କାର୍ଯ୍ୟ ନିଆଁରେ ଘିଆ ଢାଳିବା ସଦୃଶ୍ୟ । କେନ୍ଦ୍ରାପଡାରେ ବଙ୍ଗଳାଦେଶୀଙ୍କ ସଂଖ୍ୟା କମି ବାରେ ନାଁ ଧରୁନି । ଦିନେ ଏହି ବଙ୍ଗଳାଦେଶୀ ପାକିସ୍ତାନ ସହିତ ଯୋଗ ସୂତ୍ର ରଖିବା ପାଇଁ ରେଡିଓ ଷ୍ଟେସନ କରି ଧରା ପଡିଥିଲେ । ବଙ୍ଗଳାଦେଶୀମାନେ ଦିନରେ ଫେରିବାଲା ବେପାର କରି ରାତିରେ ରାହାଜାନି ଘଟାଉଛନ୍ତି । ଅନେକ ଥର ପୋଲିସ ହାତରେ ଧରା ପଡିଛନ୍ତି । ରାଜ୍ୟରେ ଚାରିଆଡେ ଯେଉଁ ହିଂସାକାଣ୍ଡ, ଚୋରୀ, ଲୁଟତରାଜ ଆଦି ସଂଗଠିତ ହେଉଛି ତାର ମୁଖିଆମାନେ କେନ୍ଦ୍ରାପଡାର ମୁସଲମାନ ଅଟନ୍ତି । ଟିଟୋ,ହାଇଦର, ସୁଲେମାନ ନାମରେ ସେମାନେ ପରିଚିତ । କେନ୍ଦ୍ରାପଡା ଜିଲ୍ଲାର ଅନୁପ୍ରବେଶକାରୀଙ୍କ ସଂଖ୍ୟା ଅହେତୁକ ଭାବରେ ବୃଦ୍ଧି ପାଉଛି । ଏହାକୁ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟେ ସ୍ୱୀକାର କରୁଛନ୍ତି । ମୁସଲିମ ଅନୁପ୍ରବେଶକାରୀ ହେନ୍ତାଳ ବଣ କୁ ଚରା ଭୂଇଁରେ ପରିଣତ କରିଦେଇଛନ୍ତି । ଏପରି ଅବସ୍ଥାରେ ସାଂସଦଙ୍କ ସଂଖ୍ୟାଲଘୁ ପ୍ରେମ କେନ୍ଦ୍ରାପଡା ଜିଲ୍ଲାର ଭବିଷ୍ୟତକୁ ନଷ୍ଟ କରିଦେବ ।

ସାଲ, ଅଡା, ବାଲେଶ୍ୱର

# ଲକଡ଼ାଉନ ଶୋଇଛି,ସଂକ୍ରମଣ ଚେଇଁଛି

ଗତବର୍ଷ ନିଜର କାୟା ବିସ୍ତାର କରି ଏକରକମର ସମସ୍ତଙ୍କୁ ଘରେ ବନ୍ଦ କରିଦେଇଥିଲା କରୋନା। ଆଉ ଏବେ ପୁଣି ଦ୍ୱିତୀୟ ଲହରୀର ପ୍ରକୋପ। ଘରୁ ପାଦ କାଢ଼ିବା ଆଜି ଅସମ୍ଭବ ହୋଇପଡ଼ିଛି। ମୃତ୍ୟୁର ମାୟାଜାଲ ରଚନା କରିଛି କରୋନା। ଏମିତି ଏକ ଆଶଙ୍କା ଓ ଭୟାବହତା ମଧ୍ୟରେ କବଳିତ ହୋଇରହିଛନ୍ତି ବିଶ୍ୱବାସୀ। ଏହାରି ଭିତରୁ ଓଡ଼ିଶା ମଧ୍ୟ ବାଦ ପଡ଼ି ନାହିଁ। ଏଇ ପରିପ୍ରେକ୍ଷୀରେ ସରକାର କରୋନାକୁ ପ୍ରତିହତ କରିବା ପାଇଁ ଅବିରତ ସଂଗ୍ରାମ ଜାରି ରଖିଥିବାବେଳେ ଲୋକମାନଙ୍କୁ ସଚେତନ କରିବା ପାଇଁ ଅନେକ ନିର୍ଦ୍ଦେଶ ଦେଉଛନ୍ତି। ଘର ଭିତରେ ସୁରକ୍ଷିତ ଭାବେ ରହିବା ପାଇଁ ପରାମର୍ଶ ଦେବା ସହ ଅତ୍ୟାବଶ୍ୟକ କାର୍ଯ୍ୟ ନହେଲେ ଘରୁ ନ ବାହାରିବାକୁ ଗାଇଡ଼ଲାଇନ ମଧ୍ୟ ଦେଇଛନ୍ତି। ସାରା ଦେଶ ଏବେ ଲକଡ଼ାଉନ ସମୟ ଦେଇ ଗତି କରୁଥିବା ବେଳେ ଭାରତରେ କରୋନା ଆକ୍ରାନ୍ତିଙ୍କ ସଂଖ୍ୟା ବଢ଼ିବାର ଦେଖି ଲୋକଙ୍କ ମନରେ ସଂଶୟ ଜାତ ହେବା ସ୍ୱାଭାବିକ। ତେବେ ସେସବୁକୁ ନଡ଼ରି , ଆତଙ୍କିତ ନହୋଇ ଆମେ ନିଜେ ସଜାଗ ଓ ସଚେତନ ରହିଲେ ଏହାର ମୁକାବିଲା କରିପାରିବା। ସମୟର ସାରାଂଶରେ ଏହା ଏବେ ସମାଜ ପାଇଁ ସାଜିଛି ଏକ ପ୍ରମୁଖ ଶୀର୍ଷକ। ଏବର ପରିସ୍ଥିତିକୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ଭାବେ ଅନୁମେୟ ଯେ କରୋନାକୁ ନେଇ କେବଳ ଦେଶ କାହିଁକି ସାରା ବିଶ୍ୱ ଏବେ ଆତଙ୍କର ପରିସୀମା ଭିତରେ ଦିନ କାଟୁଛି। ତେବେ କରୋନାକୁ ପ୍ରତିହତ କରିବା ପାଇଁ ସରକାର ଲକଡ଼ାଉନ , ସଟଡ଼ାଉନ ପରି ପନ୍ଥା ବି ଆପଣେଇଛନ୍ତି। ଗୋଟିଏ ପଟେ ସରକାର କରୋନାକୁ ମାତ୍ ଦେବାକୁ ଚେଷ୍ଟା କରୁଥିବା ବେଳେ ଆଉ ଗୋଟେ ପଟେ ଅମାନିଆଙ୍କ କାର୍ଯ୍ୟକଳାପ ସଂକ୍ରମଣକୁ ବଢ଼ାଇଚାଲିଛି। କରୋନା ଭାଇରସ ବା ଭୂତାଣୁ ଏକ ବହୁତ ବଡ଼ ଭୂତାଣୁର ଗ୍ରୁପ୍ ବା ଅଂଶବିଶେଷ। କରୋନା ଭାଇରସ ଯହା ଏବେ ସାରା ବିଶ୍ୱରେ କୋଭିଡ଼ ୧୯ ଭାବେ ଜଣାଶୁଣା। ଏହା ସାମାନ୍ୟ ଥଣ୍ଡାରୁ ଆରମ୍ଭ ହୋଇ ଶ୍ୱାସନଳୀ ଜନିତ ରୋଗ ଯାଏଁ ବି ବ୍ୟାପିପାରେ। କରୋନା ଭାଇରସ ଏକ ଜୋନାଟିକ ରୋଗ ଭାବେ ପରିଚିତ। ଅର୍ଥାତ ଏହା ପଶୁ ଓ ମଣିଷ ଭିତରେ ବି ସଂକ୍ରମିତ ହୋଇପାରେ। ଏତଦବ୍ୟତୀତ ଜଣେ କରୋନା ଭାଇରସରେ ଆକ୍ରାନ୍ତି ହୋଇଥିବା ବ୍ୟକ୍ତିର ଛିଙ୍କ, କାଶ ,ଛେପ , ଖଙ୍କାର ସଂସ୍ପର୍ଶରେ ଆସିଲେ ବ୍ୟାପିଥାଏ। ବିଭିନ୍ନ ଜନଗହଳି ପୂର୍ଣ୍ଣ ସ୍ଥାନ ଯଥା ପାର୍କ , ସପିଂ ମଲ , ସିନେମା ହଲ ପରି ସ୍ଥାନ ମାନଙ୍କରେ ଏହା ସହଜରେ ବ୍ୟାପିଥାଏ। ତେବେ ଏହି କରୋନା ପ୍ରଥମେ ଚୀନରୁ ଆରମ୍ଭ ହୋଇ ବର୍ତ୍ତମାନ ସମଗ୍ର ବିଶ୍ୱକୁ ବ୍ୟାପି ଗଲାଣି। ତେଣୁ ଏହାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଏହାକୁ ପାଣ୍ଡେମିକ ରୋଗ ବୋଲି ବି କୁହାଯାଉଛି। ଏବର ସମୟକୁ ଲକ୍ଷ୍ୟ କଲେ ଚୀନ , ଆମେରିକା , ଇରାନ , ବ୍ରାଜିଲ , କାନାଡ଼ା , ଅଷ୍ଟ୍ରେଲିଆ , ଭିଏତନାମ ପ୍ରଭୃତି ରାଷ୍ଟ୍ରରେ ବ୍ୟାପି ଭାରତ ଏବଂ ଓଡ଼ିଶାରେ ବି ଏହା ନିଜ କାୟା ବିସ୍ତାର କରିସାରିଲାଣି। ଓଡ଼ିଶା - କିପରି ପୁଣି ହସିବ , ସେ ଦିଗରେ ନୂତନ ଚିନ୍ତା ଓ ଚେତନାର ପରିପ୍ରକାଶ ବି ହେଉଛି। ତେବେ ଏ ଭିତରେ ରାଜ୍ୟ ସରକାରଙ୍କ ଠାରୁ ଆରମ୍ଭ କରି ଡ଼ାକ୍ତର , ପୋଲିସ, ସଫେଇକର୍ମଚାରୀ , ଗଣମାଧ୍ୟମ ପ୍ରତିନିଧି ଓ ସର୍ବୋପରି ସାଧାରଣ ଜନତାଙ୍କ ଭୂମିକା ଅତୁଳନୀୟ। ସେମାନେ ହିଁ ଏ କରୋନା ଯୁଦ୍ଧର ଅସଲି ଯୋଦ୍ଧା। ନିଜ ପରିବାର , ଆତ୍ମୀୟଙ୍କ କଥା ଭୁଲି ରାଜ୍ୟ ଓ ଦେଶର ସ୍ୱାର୍ଥରେ ନିଜକୁ ନିୟୋଜିତ କରି ଏକ ଉଦାର ମାନବିକତାର ପରିଚୟ ଦେଇଛନ୍ତି। ଦେଶ ତଥା ରାଜ୍ୟର ମଙ୍ଗଳ କଥା ଯି କିଏ ଅଧିକ ଚିନ୍ତି କରୁଥାନ୍ତି , ତାହେଲେ ସେ ହେଉଛନ୍ତି ସରକାର। ରାଜ୍ୟର ବିକାଶ ସାଧନରେ ସରକାର ତୁଲାଇଥାନ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା। ସେ ଚାଷୀ ହେଉ କି ଶ୍ରମିକ ଅବା ମଧ୍ୟମବର୍ଗର ଲୋକ ଅବା ନିମ୍ନ ବର୍ଗର ଲୋକ , ସମସ୍ତଙ୍କ ପାଇଁ ଯୋଜନା କରି ସେମାନଙ୍କୁ ଥଇଥାନ କରନ୍ତି ସରକାର। ବର୍ତ୍ତମାନ ସାରା ବିଶ୍ୱରେ କରୋନାର ଚିନ୍ତା। ପ୍ରତି ମୁହୂର୍ତ୍ତରେ ସମସ୍ତଙ୍କ ମନ ଭିତରେ ସେହି ଗୋଟିଏ ଡ଼ର - କରୋନା। ଏପରି ଏକ ଜଟିଳ ପରିସ୍ଥିତି ସମୟରେ ଏହାର ମୁକାବିଲା କରିବାକୁ ମାଷ୍ଟରପ୍ଲାନ କରୁଛନ୍ତି ସରକାର। କେଉଁ ଉପାୟରେ ଏହାକୁ ଠିକ ଭାବରେ ମୁକାବିଲା କରିହେବ ସେଥିପାଇଁ ପ୍ରସ୍ତତ କରୁଛନ୍ତି ସ୍ୱତନ୍ତ୍ର ଗାଇଡ଼ଲାଇନ। କିପରି ଜଣେ ବି ଲୋକଙ୍କର କିଛି ଅସୁବିଧା ନହୁଏ , ତାକୁ ପ୍ରାଥମିକତା ଦିଆଯାଉଛି। ଲୋକଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ଯୋଜନା କରିବା ସହ କିପରି ସଭିଏଁ ଦିନରେ ଦି ଓଳି ଖାଇ ପାରିବେ ତାହାକୁ ମଧ୍ୟ ଗୁରୁତ୍ୱର ସହ ବିଚାର କରୁଛନ୍ତି। ଓଡ଼ିଶା ସରକାରଙ୍କ କରୋନା ମୁକାବିଲା ଯୋଜନା ଏବେ ସାରା ଦେଶରେ ଚର୍ଚ୍ଚା। କିନ୍ତୁ ଏ ଲକଡ଼ାଉନ ସମୟର କଥାକୁ ଟିକେ ଗୁରୁତର ସହ ବିଚାର କଲେ ଏହା ଜାଣିପାରିବା ଯେଦ୍ୱିତୀୟ ଲହରୀର ପ୍ରାରମ୍ଭ ରେ ସରକାର ନେଇଥିବା ଲକଡ଼ାଉନ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ଥିଲା। ଅନ୍ତିତଃ ରାସ୍ତାରେଗାଡ଼ିମୋଟର ନଥିଲା। ରାତି ହେଲେ ରାଜଧାନୀ ରାଜରାସ୍ତା ନିର୍ଜନ ଲାଗୁଥିଲା। ଆଉ ଏବେକାରଲକଡ଼ାଉନକୁ ଲକ୍ଷ୍ୟ କଲେ ଜଣେ ଜାଣିପାରିବ , ଏହାର ଗୁରୁତ୍ୱ କେତେ? ଏବେ ଲୋକେ ଲକଡ଼ାଉନ କଣ ଭୁଲିଗଲେଣି। ସଟଡ଼ାଉନ କଣ ମନରୁ ପାଶୋରି ଗଲାଣି। ସପ୍ତାହାନ୍ତିରେ ରାସ୍ତା ଘାଟରେ ଖଟି ଜମୁଛି। ସକାଳ ହେଲେ ରାଜରାସ୍ତା ଲୋକାରଣ୍ୟ ହେଉଛି। ଦିନ ଦୁଇଟା ପରେ ବି ଗାଡ଼ି ମୋଟର ସଂଖ୍ୟା କମୁନି। ଅନେକ ଅମାନିଆ ବି ଭଲ ଫାଇଦା ନେଲେଣି। ଏପରି କରି କରୋନାର ତୃତୀୟ ଲହରୀକୁ ଯେ ଆମେ ଆମନ୍ତ୍ରଣ କରୁଛନ୍ତି , ଏକଥା ଭୁଲିଯାଉଛନ୍ତି। ଆମରି ପାଇଁ ହିଁ ଏ ଲହରୀ ଆରମ୍ଭହେଉଛି। କରୋନାକୁ ନେଇ ଏବେ ନାନାଦି ଗୁଜବ ଘୁରି ବୁଲୁଛି। ଗୁଜବର ଜାଲରେ ପଡ଼ି ଲୋକେ ଏହାକୁ ବିଶ୍ୱାସ ମଧ୍ୟ କରିଗଲେଣି। କିଛି ଦିନ ତଳେ ସୋସିଆଲ ମିଡ଼ିଆରେ ଘୁରି ବୁଲୁଥିବା ଏକ ତଥ୍ୟ ସମସ୍ତଙ୍କୁ କିଛି ସମୟ ପାଇଁ ହରଡ଼ଘଣାରେ ପକାଇଥିଲା ଏତଦଭିନ୍ନ ଆପଣଙ୍କୁ ଥଣ୍ଡା କିମ୍ବା କାଶ ହେଲେ ଗୁଜବକୁ ବିଶ୍ୱାସ ନ କରି ଡ଼ାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଲୋକଙ୍କ କଥାକୁ ନଶୁଣି ବରଂ ସେହି ସମୟକୁ ନଷ୍ଟ କରି ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରି ସଜାଗ ହୁଅନ୍ତୁ। କରୋନାକୁ ନେଇ ଏବେ କଳାବଜାରୀ ବି ବଢ଼ିବାରେ ଲାଗିଲାଣି। ଏସବୁରୁ ଦୂରରେ ରୁହନ୍ତୁ। ନିଜେ ନିଜ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ସରକାରଙ୍କ ଦ୍ୱରା ଦିଆଯାଇଥିବା ଗାଇନଲାଇନକୁ ଅନୁସରଣ କରନ୍ତୁ। ଆତଙ୍କିତ ନହୋଇ ଏହାକୁ ମୁକାବିଲା କରିବା ପାଇଁ ଅଣ୍ଟା ଭିଡ଼ନ୍ତୁ। ଗୁଜବର ମାୟାଜାଲରୁ ବାହାରି ଆସିବାକୁ ଚେଷ୍ଟା କରନ୍ତୁ। ଗୁଜବକୁ ବିଶ୍ୱାସ କରନ୍ତୁ ନାହିଁ । ବର୍ତ୍ତମାନ କରୋନା ପାଇଁ ଟୀକା ବାହାରିସାରିଲାଣି। ଲୋକେ ଟୀକା ବି ନେଲେଣି। କିନ୍ତୁ ତା ମାନେ ନୁହେଁ ଆମେ ସବୁକୁ ବେଖାତିର କରି ଲକଡ଼ାଉନକୁ ଏଡ଼ାଇଦେବା। ରାତି ପାହିବା ଠୁ ଅନ୍ଧାର ହେବା ଯାଏଁ ଲାଗୁଛି ଯେମିତି ଏ ଲକଡ଼ାଉନ ନିଘୋଡ଼ ନିଦରେ ଶୋଇଛି। ଆଉ ଏ ସୁଯୋଗ ନେଇ ସଂକ୍ରମଣ ଚେଇଁ ଚେଇଁ ନିଜ ବେପାର ଜମଉଛି। ଆଉ ଏ ସଂକ୍ରମଣ ପୁଣି ଆଉ କିଛି ମାସ ପରେ ଏକ ଭୟଙ୍କର ରୂପ ନ ନେଉ ସେଥିପାଇଁ ଏବେଠୁ ସାବଧାନ ହେବାକୁ ଡ଼ିବ। ବେଳ ଥାଉ ଥାଉ ସଜାଗ ହେବା ଆବଶ୍ୟକ। ସଚେତନ ନାଗରିକ ହିସାବରେ ସରକାରଙ୍କ ନିୟମକୁ ମାନି ଚଳିବାକୁ ପଡ଼ିବ। ତାହେଲେ ଯାଇ କରୋନା ହାରିବ, ଆମ ପୁଣି ହସିବା।



ଡି ଶୁଭମ୍

ବାସୁଦେବପୁର,ଭଦ୍ରକ




# ଟୋକିଓ ଅଲିମ୍ପିକ୍‌ରେ କିଟ୍‌ରୁ ୩ ଖେଳାଳି



ଭୁବନେଶ୍ୱର : ଚଳିତବର୍ଷ ଟୋକିଓ ଅଲିମ୍ପିକ୍‌ସରେ କିଟ୍ ବିଶ୍ୱବିଦ୍ୟାଳୟର ୩ ଜଣ ଛାତ୍ରଛାତ୍ରୀ ଓ ଜଣେ ଡାକ୍ତରଙ୍କୁ ମିଶାଇ ମୋଟ ୪ଜଣ ପ୍ରତିନିଧି ଅଂଶଗ୍ରହଣ କରୁଛନ୍ତି। ସମଗ୍ର ଭାରତରେ କିଟ୍ ଏକମାତ୍ର ବିଶ୍ୱବିଦ୍ୟାଳୟ ଭାବେ ଏହି ସୌଭାଗ୍ୟର ଅଧିକାରୀ ହୋଇପାରିଛି। ଗୋଟିଏ ବିଶ୍ୱବିଦ୍ୟାଳୟରୁ ୩ଜଣ ଖେଳାଳି ଅଲିମ୍ପିକ୍‌ସରେ ଅଂଶଗ୍ରହଣ କରିବା ରାଜ୍ୟ ତଥା ଦେଶ ପାଇଁ ଗୌରବର ବିଷୟ ବୋଲି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସୂଚନା ଦେଇଛନ୍ତି। ରବିବାର ଭୁବନେଶ୍ୱରରେ ଭର୍ଚୁଆଲ୍‌ରେ ଆୟୋଜିତ ଜାତୀୟସ୍ତରର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଶ୍ରୀ ସାମନ୍ତ କହିଛନ୍ତି, କିଟ୍ ଓ କିସ୍ ସର୍ବଦା ଶିକ୍ଷା ସହ କ୍ରୀଡ଼ାକୁ ପ୍ରାଧାନ୍ୟ ଦେଇ ଆସୁଥିବା ବେଳେ କ୍ରୀଡ଼ା କ୍ଷେତ୍ର ପ୍ରତି କିଟ୍ ଓ କିସ୍‌ର ଯଥେଷ୍ଟ ଅବଦାନ ରହିଛି। କିସ୍ ମାଧ୍ୟମରେ ହଜାର ହଜାର କ୍ରୀଡ଼ାବିତ୍‌ଙ୍କୁ ସୁଯୋଗ ଦିଆଯାଇଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟ ଜରିଆରେ ମଧ୍ୟ ବହୁ ଛାତ୍ରଛାତ୍ରୀ ଜାତୀୟ ଓ ଆନ୍ତର୍ଜାତିକସ୍ତରରେ ଖେଳାଳି ଭାବେ ସୁଯୋଗ ପାଇଛନ୍ତି। ଜୁଲାଇ ୨୩ରୁ ଅନୁଷ୍ଠିତ ହେବାକୁ ଥିବା ଟୋକିଓ ଅଲିମ୍ପିକ୍‌ସରେ ଭାରତ ତଥା ଓଡ଼ିଶାର ଗର୍ବ ଓ ଗୌରବ କିଟ୍ ଛାତ୍ରୀ ଦୂତୀ ଚାନ୍ଦ ଦ୍ୱିତୀୟ ଥର ଅଲିମ୍ପିକ୍‌ସରେ ୧୦୦ ଓ ୨୦୦ ମିଟର ଦୌଡ଼ ଭଳି ଦୁଇଟି ଇଭେଣ୍ଟରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଛନ୍ତି।ଦୂତୀଙ୍କ ବ୍ୟତୀତ କିଟ୍ ବିଶ୍ୱବିଦ୍ୟାଳୟର ଆଉ ଦୁଇ ଛାତ୍ରଛାତ୍ରୀ, ଅସି ଚାଳିକା ସି ଏ ଭବାନୀ ଦେବୀ ଓ ଜାଭେଲିନ୍ ଥ୍ରୋ ଖେଳାଳି ଶିବ୍‌ପାଲ୍ ସିଂହ ମଧ୍ୟ ଟୋକିଓ ଅଲିମ୍ପିକ୍‌ସରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଭବାନୀ ଦେବୀ ଏବେ କିଟ୍‌ରେ ପିଏଚ୍‌ଡି କରୁଛନ୍ତି। ଭବାନୀ ଏକମାତ୍ର ଓ ପ୍ରଥମ ଭାରତୀୟ ଅସି ଚାଳିକା ଭାବେ ଅଲିମ୍ପିକ୍‌ସରେ ଅଂଶଗ୍ରହଣ କରୁଛନ୍ତି। ଗତ ମାର୍ଚ୍ଚ ମାସରେ ହଙ୍ଗେରୀରେ ଅନୁଷ୍ଠିତ ଅସିଚାଳନା ବିଶ୍ୱକପ୍‌ରେ ଉତ୍ତମ ପ୍ରଦର୍ଶନ ସହ ଟୋକିଓ ଅଲିମ୍ପିକ୍ ପାଇଁ ଯୋଗ୍ୟତା ହାସଲ୍ କରିଛନ୍ତି। ତାଙ୍କର ବିଶ୍ୱ ର୍‍ୟାଙ୍କ ୪୨ ରହିଥିବା ବେଳେ ୨୦୧୮ରେ ଅଷ୍ଟ୍ରିଆରେ ଅନୁଷ୍ଠିତ ବରିଷ୍ଠ ରାଜ୍ୟଗୋଷ୍ଠୀ ଅସିଚାଳନା ଚାମ୍ପିଅନ୍‌ସିପ୍‌ରେ ସ୍ୱର୍ଣ୍ଣପଦକ ହାସଲ କରିବାରେ ପ୍ରଥମ ଭାରତୀୟ ହେବାର ଗୌରବ ଅର୍ଜନ କରିଛନ୍ତି। କିଟ୍ ବିବିଏ ଛାତ୍ର ଶିବ୍‌ପାଲ୍ ସିଂହ ମାର୍ଚ୍ଚ ମାସରେ ଦକ୍ଷିଣ ଆଫ୍ରିକାର ଏସିଏନ୍‌ଡବ୍ଲ୍ୟୁ ମିଟ୍‌ରେ ୮୫.୪୭ ମିଟର ଜାଭେଲିନ୍ ଥ୍ରୋ କରି ସ୍ୱର୍ଣ୍ଣ ପଦକ ସହ ଅଲିମ୍ପିକ୍‌ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଭାରତର ଅନ୍ୟତମ କ୍ରୀଡ଼ାବିତ୍ ନିରଜ ଚୋପ୍ରାଙ୍କ ସହ ଶିବ୍‌ପାଲ୍ ଜଭେଲିନ୍ ଥ୍ରୋ ରେ ଭାରତର ପ୍ରତିନିଧିତ୍ୱ କରିବେ। ସେହିପରି ଭାରତୀୟ ପୁରୁଷ ହକି ଦଳରେ ଡାକ୍ତର ଭାବେ କିମ୍‌ସ ଡାକ୍ତର ସୁଦୀପ ଶତପଥୀ ମନୋନୀତ ହୋଇ ଜାପାନ ଗସ୍ତ କରୁଛନ୍ତି। ଡା. ଶତପଥୀ ପୂର୍ବରୁ ୨୦୧୬ରେ ରିଓ ଅଲିମ୍ପିକ୍‌ସରେ ସ୍ପୋର୍ଟସ ମେଡିସିନ୍ ଡାକ୍ତର ଭାବେ ଯୋଗ ଦେଇଥିବା ବେଳେ କ୍ଲିନିକାଲ୍ ଫିଜିଓଲୋଜିଷ୍ଟ ତଥା ସ୍ପୋର୍ଟସ ଆଣ୍ଡ ଏକସରସାଇଜ୍ ଫିଜିଓଲୋଜିଷ୍ଟ ଭାବେ ଯଥେଷ୍ଟ ଅଭିଜ୍ଞତା ରହିଛି।ଶ୍ରୀ ସାମନ୍ତଙ୍କ ପୌରୋହିତ୍ୟରେ ରବିବାର ଏହି ଖେଳାଳିଙ୍କ ପାଇଁ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ତଥା ଇଲେକ୍ଟ୍ରୋନିକ୍‌ସ ଓ ସୂଚନା ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ସମ୍ମାନୀୟ ଅତିଥି ଭାବେ କ୍ରୀଡ଼ା ଓ ଯୁବବ୍ୟାପାର ତଥା ପର୍ଯ୍ୟଟନ ବିଭାଗ ମୁଖ୍ୟ ସଚିବ ବିଶାଳ କୁମାର ଦେବ ପ୍ରମୁଖ ଯୋଗଦେଇଥିଲେ। କିଟ୍ କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିବା ବେଳେ ଶ୍ରୀ ସାମନ୍ତ ସ୍ୱାଗତ ଭାଷଣ ଦେଇ କହିଲେ, ୨୦୧୩ରୁ ଦୂତୀଙ୍କ ସମସ୍ତ ସମସ୍ତ ସୁଖ ଓ ଦୁଃଖରେ କିଟ୍ ଏବଂ ସେ ନିଜେ ରହି ଆସିଛନ୍ତି ଓ ଆଗାମୀ ଦିଗରେ ଦୂତୀଙ୍କ ସୁଖ ଓ ଦୁଃଖରେ ରହିବେ ବୋଲି କହିଥିଲେ। ଅଲିମ୍ପିକ୍‌ରୁ ଫେରିବା ପରେ ଦୂତୀଙ୍କ ପାଇଁ କିଟ୍ ତରଫରୁ ଦୁଇଟି ବଡ଼ ଉପହାର ପ୍ରଦାନ କରାଯିବ ବୋଲି ଏହି ଅବସରରେ ଶ୍ରୀ ସାମନ୍ତ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର ସସ୍ମିତା ସାମନ୍ତ ବକ୍ତବ୍ୟ ରଖିଥିବା ବେଳେ କିଟ୍ ଓ କିସ୍‌ର ସମସ୍ତ କର୍ମଚାରୀ ଓ ଲକ୍ଷାଧିକ କ୍ରୀଡ଼ାପ୍ରେମୀ ଭର୍ଚୁଆଲ୍‌ରେ ଯୋଡ଼ି ହୋଇଥିଲେ।

## ଉଚ୍ଚ ଶିକ୍ଷାରେ ସହାୟତା ପାଇଁ ଜିଲ୍ଲାପାଳଙ୍କୁ ମେଧାବୀ ଛାତ୍ରୀଙ୍କ ନିବେଦନ

କେନ୍ଦ୍ରାପଡା: କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ଅଧିନ ଜମପଡା ପଂଚାୟତର ଦଳଅନ୍ତା ଗ୍ରାମର ଜଣେ ମେଧାବୀ ଛାତ୍ରୀ ଉଚ୍ଚଶିକ୍ଷା ଲାବ ପାଇଁ ଜିଲ୍ଲାପାଳଙ୍କ ସହାୟତା ଲୋଡିଛନ୍ତି। ଜଣେ ଜନଜାତି ସଂପ୍ରଦାୟର ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାର ର ମେଧାବୀ ଛାତ୍ରୀ ଭାବେ ଚଳିତ ବର୍ଷ ଦଶମ ପାସ୍ କରିଥିଲେ ମଧ୍ୟ ଅର୍ଥାଭାବରୁ କଲେଜ ଶିକ୍ଷା ଲାଭ ପାଇଁ ବଂଚିତ ହେଉଛନ୍ତି। ଦିନ ମଜୁରିଆ ଭାବେ ବାପା କାମ କରୁଥିବା ବେଳେ ଝିଅକୁ କଲେଜରେ ପଢାଇବାକୁ ସମ୍ବଳ ନଥିବାରୁ ଛାତ୍ରୀ ଜଣକ କଲେଜ ଶିକ୍ଷାଲାଭ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି।

# ରଥଯାତ୍ରାରେ ବାଜିବ ବିଜେ କାହାଳୀ

ପୁରୀ: ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୧୩ ଯାତ୍ରା ମଧ୍ୟରୁ ରଥଯାତ୍ରା ଅନ୍ୟତମ। ମହାପ୍ରଭୁ ମହାବାହୁ ଭକ୍ତ ମାନଙ୍କୁ ଦର୍ଶନ ଦେବା ପାଇଁ ରତ୍ନ ସିଂହାସନ ଛାଡି ଜନ୍ମବେଦୀକୁ ରଥଯାତ୍ରା ରେ ଗମନ କରିବେ। ଯୁଦ୍ଧ କ୍ଷେତ୍ର ରେ ବୀରବାଜା ରୂପେ କାହାଳୀ ବାଜିଥାଏ। ସେହିପରି କାଳିଆ ସୁନାର ରଥଯାତ୍ରାରେ ସେନାପଟ୍ଟା ଲାଗି ହୋଇ ବୀର ବେଶରେ ବିଜେ କାହାଳୀ ବାଜିବା ପରେ ପ୍ରଭୁ ରଥାରୂଢ ହୁଅନ୍ତି। କାହାଳିଆ ସେବକ ମାନେ ବିଜେ କାହାଳୀ ବଜାଇଥାନ୍ତି। ଉତ୍କଳର ରାଜା ଗଙ୍ଗେଶ୍ୱର ଦେବ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ଥିଲେ। ତ୍ରୟୋଦଶ ଶତାବ୍ଦୀରେ ଦକ୍ଷିଣାତ୍ୟ ବିଜୟ କରିଥିଲେ। ଗୋଲକୁଣ୍ଡାକୁ ଦଖଲ କରିବା ପାଇଁ ରାଜା ଉଦ୍ୟମ କରି ପରାସ୍ତ ହେବା ସହ ଯୁଦ୍ଧ ବନ୍ଦୀ ହୋଇଥିଲେ। ତାଙ୍କ ସହ ବୁଢା ଲେଙ୍କା ଓ କାହାଳୀଆ ବନ୍ଦୀ ହୋଇଥିଲେ। ବନ୍ଦୀ ଘରକୁ ଯିବା ପୂର୍ବରୁ ଶ୍ରୀକପଡା ବନ୍ଧା ହୋଇଥିବା କାହାଳୀଟିକୁ ନନେବା ପାଇଁ ଗୋଲକୁଣ୍ଡା ରାଜା ଆଦେଶ ଦେଇଥିଲେ। କାହାଳିଆ ନମାନିବାରୁ ରାଜା କାହାଳୀଟିକୁ ଭାଙ୍ଗି ଦେଇଥିଲେ। ଏହାଦେଖି ରାଜା ଗଙ୍ଗେଶ୍ୱର ମନଦୁଃଖ କରିବା ସହ କାନ୍ଦି ଥିଲେ। ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରି ତିନି ଖଣ୍ଡ କାହାଳୀକୁ ଶ୍ରୀକପଡାରେ ଗୁଡାଇ କାହାଳୀଆକୁ ବଜାଇବା ପାଇଁ କହିଥିଲେ। କାହାଳୀଆ କାହାଳୀ ରେ ଶ୍ରୀକପଡା ଗୁଡାଇ ବନ୍ଦୀଘରେ ବଜାଇବାରୁ ଏହା ଗୋଲକୁଣ୍ଡା ରାଜାଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଜଗନ୍ନାଥଙ୍କ ମହିମା ଦେଖି ସେହିଦିନ ଠାରୁ ତିନିଖଣ୍ଡିଆ କାହାଳୀ ବାଜୁଅଛି। ଏହାସହ ଗଜପତି ମହାରାଜା ଛେରାପହଁରା କରିବା ପାଇଁ ଯିବା ସମୟରେ ଓ ଆସିବା ସମୟରେ ବିଜେ କାହାଳୀ ବାଜୁଅଛି। ବିଜେ କାହାଳୀ ବାଜିବା ସମୟରେ ଭକ୍ତମନରେ ଭକ୍ତିଭାବ ଜାଗ୍ରତ ହୋଇଥାଏ।

# ଏଓବିଏସଓ ଛାତ୍ର ସଂଘ ତରଫରୁ ମାସ୍କ ବଂଟନ ସହ ଜନ ସଚେତନତା କାର୍ଯ୍ୟକ୍ରମ



ଭୁବନେଶ୍ୱର,(ପିନେ) : କୋଭିଡ୍ ମହାମାରୀ ନେଇ ତୃଣମୂଳସ୍ତରରେ ସଚେତନତାକୁ ବ୍ୟାପକ କରିବା ପାଇଁ ଅକ୍ଟୋବର ୨ ରୁ ମାନ୍ୟବର ମୂଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ "ଜନ ସଚେତନତା ଅଭିଯାନ" ଆରମ୍ଭ ହୋଇଛି। ଆଜି ଭୁବନେଶ୍ୱର ସ୍ଥିତ ରାଜମହଲ ଛକଠାରେ ଅଲ୍ ଓଡ଼ିଶା ବିପିଯୁଟି ଷ୍ଟୁଡେଂଟ୍ସ ଅର୍ଗାନାଇଜେସନ (ଏଓବିଏସଓ) ତରଫରୁ ମାସ୍କ ବଂଟନ ସହ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମକୁ ସଂଘର ଉପ-ପ୍ରତିଷ୍ଠାତା ତଥା ଯୁବ ବିଜେଡ଼ି ରାଜ୍ୟ ସାଧାରଣ ସଂପାଦକ ତାରିଣୀ ପ୍ରସାଦ ନାୟକଙ୍କ ନେତୃତ୍ୱରେ ଉପଦେଷ୍ଟା ତଥା ଯୁବ ବିଜେଡ଼ି ବରିଷ୍ଠ ଉପ-ସଭାପତି ଧୃତି ମାର୍ଥା, ସଂଘର ଉପ-ପ୍ରତିଷ୍ଠାତା ବାସୁଦେବ ସା, ଯୁବ ବିଜେଡ଼ି ସାରାଧଣ ସମ୍ପାଦକ ଅବିନାଶ ପ୍ରଧାନ, କାର୍ଯ୍ୟକାରୀ ସଦସ୍ୟ ପ୍ରସନ୍ନ ପାଣି, ଯୁବ ବିଜେଡ଼ି ଯୁଗ୍ମ ସମ୍ପାଦକ ପୁର୍ଣ୍ଣେନ୍ଦୁ ପୂଜାପଣ୍ଡା, ଯୁବ ବିଜେଡ଼ି ସମ୍ପାଦକ ସୋନାଲି ପ୍ରିୟଦର୍ଶିନୀ, ଦିପ୍ତିମୟୀ ପତି, ଛାତ୍ର ବିଜେଡ଼ି ରାଜ୍ୟ ସାରାଧଣ ସମ୍ପାଦକ ସଂକେତ ରାୟ, ପିଙ୍କି, ମହିମା, କିଶୋର ବେହେରା, ଡିପ୍ଲୋମା ମୁଖ୍ୟ ସଂଗଠକ ତଥା ଛାତ୍ର ବିଜେଡ଼ି ସମ୍ପାଦକ ଅନନ୍ତ ନାରାୟଣ ଜେନା, ବିପିଯୁଟି ମୁଖ୍ୟ ସଂଗଠକ ତଥା ଛାତ୍ର ବିଜେଡ଼ି ଯୁଗ୍ମ ସମ୍ପାଦକ ପବନ ସ୍ୱାଇଁ, ଶ୍ରୀତମ ପଟ୍ଟନାୟକ, ଆଚାର୍ଯ୍ୟ ରକି ପ୍ରିୟଦର୍ଶନ, ରାକେଶ ପାତ୍ର, ଅଂକେଶ, ସ୍ମୃତିରାଜ ମହାନ୍ତି, ତନବୀର ଖାନ୍, ଡିପ୍ଲୋମା ସଭାପତି ବିକାଶ ପଣ୍ଡା, ଶୁଭମ ସ୍ୱାଇଁ, ଓମ୍ ପ୍ରସାଦ ବେହେରା, ଆଶିଷ ଦାସ, ନୀତିଶ, ଆଶୁତୋଷ, ଅରବିନ୍ଦ, ସନ୍ଦୀପ, ସ୍ୱାଗତ ମହାପାତ୍ର ଆଦି ଉପସ୍ଥିତ ଥିଲେ।

# କେନ୍ଦୁଝରରେ ପୁଣି ଏକ ମୃତ୍ୟୁ :ଗୋଟିଏ ଦିନରେ ୬୪ କରୋନା ସଂକ୍ରମିତ ଚିହ୍ନଟ: ଟେଷ୍ଟ ୧୬୭୨

କେନ୍ଦୁଝର: କେନ୍ଦୁଝର ଜିଲ୍ଲାରେ ସୋମବାର ଦିନ ୬୪ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଛି। ଚଳିତ ମାସ ୫ ଦିନ ମଧ୍ୟରେ ଜିଲ୍ଲାରେ ମୋଟ କରୋନା ରେ ମୃତ୍ୟୁ ସଂଖ୍ୟା ୬୫ ରେ ପହଂଚିଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। କିନ୍ତୁ ଏହି ମୃତ୍ୟୁ ସଂଖ୍ୟା ଆହୁରି ଅଧିକ ହେବ ବୋଲି ଅନେକ ମତ ଦେଇଛନ୍ତି। ଏବେ ଗତ କିଛି ଦିନ ହେବ ଜିଲ୍ଲାର ଆନନ୍ଦପୁର ଉପଖଣ୍ଡ ଅଂଚଳରେ ସଂକ୍ରମିତଙ୍କ ସଂଖ୍ୟା ଅଧିକ ରହୁଥିବାର ଲକ୍ଷ୍ୟ କରାଯାଉଛି। ଆଜିର ସଂକ୍ରମିତଙ୍କ ମଧ୍ୟରେ ହାଟଡିହି ବ୍ଲକ ଅଂଚଳରେ ସର୍ବାଧିକ ୧୪ ଜଣ ଚିହ୍ନଟ ହୋଇଥିବା ବେଳେ ଘଷିପୁରା ବ୍ଲକ ଅଂଚଳରେ ୧୦ ଜଣ ରହିଛନ୍ତି। ଅନୁରୁପ ଭାବେ ଘଟଗାଁ ବ୍ଲକ ଅଂଚଳରେ ୧୦ ଜଣ , ଆନନ୍ଦପୁର ବ୍ଲକ ଅଂଚଳରେ ୪ ଜଣ ଓ ବଡବିଲ ମ୍ୟୁନିସପାଲଟି ଓ ଯୋଡା ମ୍ୟୁନିସପାଲଟି ଅଂଚଳରେ ୪ ଜଣ ଲେଖାଁଏ , ହରିଚନ୍ଦନପୁର ଓ ତେଲକୋଇ ବ୍ଲକ ଅଂଚଳରେ ୩ ଜଣ ଲେଖାଁଏ , ଆନନ୍ଦପୁର ମ୍ୟୁନିସପାଲଟି , ଚମ୍ପୁଆ ଏନ. ଏ. ସି . ପାଟଣା ବ୍ଲକ ଓ ସାହାରପଡା ବ୍ଲକ ଅଂଚଳରେ ୨ ଜଣ ଲେଖାଁଏ , ବାଂଶପାଳ ବ୍ଲକ , ଚମ୍ପୁଆ ବ୍ଲକ , ଯୋଡା ବ୍ଲକ ଓ କେନ୍ଦୁଝର ଗଡ ମ୍ୟୁନିସପାଲଟି ଅଂଚଳରେ ୧ ଜଣ ଲେଖାଁଏ ରହିଛନ୍ତି। ଅନ୍ୟ ପକ୍ଷରେ ଆଜି ୬୪ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ ର ଧକୋଠା ଗଂଚାୟତ ଅଂଚଳରେ ୧ଜଣ ଓ ତରଚରା ପଂଚାୟତ ଅଂଚଳରେ ୩ ଜଣ , ଆନନ୍ଦପୁର ମ୍ୟୁନିସପାଲଟିର ଓ୍ୱାର୍ଡ ନଂ ୧୨ ଓ ୧୪ ନମ୍ବର ଓ୍ୱାର୍ଡରେ ୧ ଜଣ ଲେଖାଁଏ , ବାଂଶପାଳ ବ୍ଲକ ନୟାକୋଟ ପଂଚାୟତ ଅଂଚଳରେ ୧ ଜଣ , ବଡବିଲ ମ୍ୟୁନିସପାଲଟିର ଓ୍ୱାର୍ଡ ନଂ ୬ ଓ ଓ୍ୱାର୍ଡ ନଂ ୧୫ ରେ ୧ ଜଣ ଲେଖାଁଏ ଓ ଓ୍ୱାର୍ଡ ନଂ ୧୪ ରେ ୨ ଜଣ , ଚମ୍ପୁଆ ବ୍ଲକର ରଜିଆ ପଂଚାୟତ ଅଂଚଳରେ ୧ଜଣ , ଚମ୍ପୁଆ ଏନ. ଏ . ସି. ର ଓ୍ୱାର୍ଡ ନଂ ୧୨ ଓ ୧୩ ରେ ୧ ଜଣ ଲେଖାଁଏ , ଘଷିପୁରା ବ୍ଲକର କେଶଦୁରାପାଳ , ଖାଲିଆମେଟ୍ଟା , ପଣ୍ଡୁଆ , ଓ ତରୁଆଁ ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ , ଗଡବାନ୍ଦଗୋଡା , ଗୋହିରା ଓ ତରିମୂଳ ପଂଚାୟତ ଅଂଚଳରେ ୨ ଜଣ ଲେଖାଁଏ , ଘଟଗାଁ ବ୍ଲକର ଢେଙ୍କିକୋଟ ପଂଚାୟତ ଅଂଚଳରେ ୧୦ ଜଣ , ହରିଚନ୍ଦନପୁର ବ୍ଲକ ର ହରିଚନ୍ଦବପୁର ପଂଚାୟତରେ ୧ ଜଣ ଓ ବକ୍ସିବାରିଗାଁ ପଂଚାୟତ ଅଂତଳରେ ୨ ଜଣ , ହାଟଡିହି ବ୍ଲକର ଆଡିପୁର , ଅଙ୍କୁରା , ବଡରାଜ୍ଞାସ , ହାବଳେଶ୍ୱର , ଇଂଟୋଳ , ସଢା ଓ ସମଣା ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ , ବଂଚୋ ଓ ସଡଙ୍ଗ ପଂଚାୟତ ଅଂଚଳରେ ୨ ଜଣ ଲେଖାଁଏ ଓ ହାଟଡିହି ପଂଚାୟତ ଅଂଚଳରେ ୩ ଜଣ , ଯୋଡା ବ୍ଲକର ବିରିକଳା ପଂଚାୟତ ଅଂଚଳରେ ୧ ଜଣ , ଯୋଡା ମ୍ୟୁନିସପାଲଟିର ଓ୍ୱାର୍ଡ ନଂ ୧୩ ରେ ୪ ଜଣ , କେନ୍ଦୁଝର ଗଡ ମ୍ୟୁନିସପାଲଟିର ଓ୍ୱାର୍ଡ ନଂ ୧୩ ରେ ୧ ଜଣ , ପାଟଣା ବ୍ଲକର ଚାକୁଣ୍ଡାପାଳ ଓ ତୁରୁମୁଙ୍ଗା ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ , ଶଙ୍କୁଆ ଓ ଉଦୟପୁର ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ , ତେଲକୋଇ ବ୍ଲକର ଦେଉଳଡିହା ପଂଚାୟତ ଅଂଚଳରେ ୧ ଜଣ ଓ ବଳଭଦ୍ରପୁର ୨ ଜଣ ରହିଛନ୍ତି। ଫଳରେ ଏବେ ଜିଲ୍ଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୯୩୧୭ ରେ ପହଂଚିଥିବା ବେଳେ ସୁସ୍ଥ ସଂଖ୍ୟା ୧୮୭୬୮ ରେ ପହଂଚିଅଛି। ଜିଲ୍ଲାରେ ଏବେ ଆକ୍ଟିଭ କେଶ୍ ୪୭୪ ରହିଥିବା ବେଳେ ଗତ ୨୪ ଘଂଟା ମଧ୍ୟରେ ୧୬୭୨ ଜଣଙ୍କର କୋଭିଡ ଟେଷ୍ଟ ହୋଇଛି।

## ପୁଲିସ ଘେରାବନ୍ଦୀରେ ଅନୁଷ୍ଠିତ ହେବ ରଥଯାତ୍ରା

ପୁରୀ : ଚଳିତ ବର୍ଷ କୋଭିଡ୍ କଟକଣା ଯୋଗୁଁ ଚଳିତ ବର୍ଷ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯିବ। ଏ ସମ୍ପର୍କରେ ଡିଜିପି ଶ୍ରୀ ଅଭୟ ସମୀକ୍ଷା ବୈଠକ କରି ଫେରିଛନ୍ତି। ସହରବାସୀ ଓ ଭକ୍ତମାନେ ସହଯୋଗ କରି ସୁରୁଖୁରୁରେ ରଥଯାତ୍ରା ସମ୍ପନ୍ନ କରିବା ପାଇଁ ନିବେଦନ କରିଛନ୍ତି। ରଥଯାତ୍ରାରେ ୮୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହେବେ। ଶ୍ରୀଗୁଣ୍ଡିଚା, ବାହୁଡ଼ା ଓ ସୁନାବେଶର ୪୮ ଘଂଟା ପୂର୍ବରୁ ସହରରେ କର୍ଫ୍ୟୁ ଜାରି କରାଯିବ। ଛାତ ଉପରୁ କୌଣସି ଭକ୍ତ ଓ ବାସିନ୍ଦା ରଥଯାତ୍ରା ଦେଖିପାରିବେ ନାହିଁ। ବଡଦାଣ୍ଡକୁ ସଂଯୋଗ କରୁଥିବା ସମସ୍ତ ଗଳି ରାସ୍ତାକୁ ସିଲ୍ କରାଯିବ। ସହରର ସମସ୍ତ ପ୍ରବେଶ ପଥକୁ ପୁଲିସ ଜଗି ରହିବ। ଶ୍ରୀମନ୍ଦିର ଚାରିପଟ ଓ ରଥ ଚାରିପଟେ ବ୍ୟାପକ ପୁଲିସ ମୁତୟନ ହେବେ। ସମୁଦ୍ର କୂଳେ ପୁଲିସ ପାଟ୍ରୋଲିଙ୍ଗ ସହ ଲାଇଫ୍ ଗାର୍ଡ ମାନେ ସଜାଗ ରହିବେ। ବିଭିନ୍ନ ସ୍ଥାନରେ ବାଇନା କୁଲର ସାହାଯ୍ୟରେ ପୁଲିସ ତୀକ୍ଷ୍ଣ ନଜର ରଖିବ। ବଡଦାଣ୍ଡ ସମେତ ଆଖପାଖ ଅଂଚଳରେ ସାଧା ପୋଷାକ ଧରି ଗୁଇନ୍ଦା ପୁଲିସ ଜଗି ରହିବେ। ବୋମା ନିଷ୍କ୍ରିୟକାରୀ ଦଳ ବିଭିନ୍ନ ସ୍ଥାନରେ ଚେକିଂ କରିବେ। ସନ୍ଧାନୀ କୁକୁର ସନ୍ଦେହଜନକ ସ୍ଥାନରେ ବୁଲିବେ।ବସ୍‌ଷ୍ଟାଣ୍ଡ ଅଂଚଳ, ଷ୍ଟେସନ ଅଂଚଳ, ମଙ୍ଗଳାଘାଟ, ହରେକୃଷ୍ଣ ପୁର ଛକ, ନୂଆନଈ ଛକ, ଭୂଦାନ ଛକ ଅଂଚଳରେ ବ୍ୟାପକ ପୁଲିସ ମୁତୟନ ହେବେ। ସହରର ବିଭିନ୍ନ ସ୍ଥାନରେ ସିସିଟିଭି ଲାଗିବ। ସୁରକ୍ଷା ବ୍ୟବସ୍ଥାକୁ ଏସପି କେ. ବିଶାଳ ସିଂ ତଦାରଖ କରିବେ।

## ମୟୂରଭଞ୍ଜରେ ୧୯ ଲକ୍ଷ ବୃକ୍ଷ ରୋପଣ ନିମନ୍ତେ ଲକ୍ଷ୍ୟ : ୩୦ ଲକ୍ଷ ଚାରା ମାଗଣାରେ ଯୋଗାଇ ଦିଆଯିବ

ବାରିପଦା: ଚଳିତ ବର୍ଷ ବନ ବିଭାଗ ପକ୍ଷରୁ ୭୨ତମ ବନ ମହୋତ୍ସବ ପାଳନ କରାଯାଉଛି। ବୃକ୍ଷ ରୋପଣର ଗୁରୁତ୍ୱ ଓ ପରିବେଶ ଉପରେ ଏହାର ପ୍ରଭାବ ଉପରେ ବ୍ୟାପକ ଜନ ସଚେତନତା ପାଇଁ ପ୍ରତି ବର୍ଷ ମୌସୁମୀର ପ୍ରାରମ୍ଭରେ ଦେଶବ୍ୟାପୀ ବନ ମହୋତ୍ସବ ପାଳନ କରାଯାଇ ଆସୁଅଛି। ମନୁଷ୍ୟର ଜୀବନ ଓ ଜୀବିକା ପାଇଁ ବୃକ୍ଷର ଅବଦାନ ଅତୁଳନୀୟ। ସୁଷମ ଖାଦ୍ୟ, ସ୍ୱଚ୍ଛ ଜଳ ଓ ପ୍ରଦୂଷଣ ମୁକ୍ତ ବାୟୁର ଆବଶ୍ୟକତାକୁ ବୃକ୍ଷ ହିଁ ପୂରଣ କରିଥାଏ। ଏହା ବ୍ୟତୀତ ଉଦ୍ଭିଦ ଜଗତର ଔଷଧୀୟ ମୂଲ୍ୟକୁ ଆମେ ବିଭିନ୍ନ ସମୟରେ ଉପଲବ୍ଧ କରି ପାରିଛୁ। ପାରମ୍ପରିକ ଔଷଧ ପ୍ରଣାଳୀକୁ ଅନୁଶୀଳନ କରି ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଔଷଧୀୟ ବୃକ୍ଷଗୁଡ଼ିକର ବ୍ୟବହାର ବୃଦ୍ଧି ପାଇଛି। ଏଣୁ ମୟୂରଭଞ୍ଜର ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ବାଡ଼ି ଅଥବା ଖୋଲା ସ୍ଥାନରେ ଗୋଟାଏ ଗୋଟାଏ ଗଛ ଲଗାଇବା ସହ ଏହାକୁ ବଞ୍ଚାଇ ରଖିବା ନିମନ୍ତେ ମୟୂରଭଞ୍ଜ ଆରସିସିଏଫ ଯୁଗ ଦୟାନନ୍ଦ ପ୍ରକାଶ କରିଛନ୍ତି। ଏଥିସହିତ ଚଳିତ ବର୍ଷ କେମ୍ପା, ମନରେଗା ଆଦି ଯୋଜନାରେ ଜିଲ୍ଲାରେ ୧୯ ଲକ୍ଷରୁ ଅଧିକ ବୃକ୍ଷ ରୋପଣ କରାଯିବାର ଲକ୍ଷ ରଖାଯାଇଛି ଏବଂ ଲଗାଯାଉଥିବା ଗଛଗୁଡିକୁ ଗୋରୁ, ଛେଳି ଆଦିଙ୍କ କବଳରୁ ବଞ୍ଚାଇ ରଖିବା ଏବଂ ତାର ଉପଯୁକ୍ତ ଯତ୍ନ ନେବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ସେହିପରି ଚଳିତ ବର୍ଷ ୩୦ ଲକ୍ଷରୁ ଅଧିକ ଚାରା ପ୍ରସ୍ତୁତ କରାଯାଇଛି। ଏହାକୁ ଜନସାଧରଣଙ୍କୁ ପ୍ରତି ଚାରା ପିଛା ମାତ୍ର ଗୋଟାଏ ଟଙ୍କା ମୂଲ୍ୟରେ ବଣ୍ଟନ କରାଯିବ। ସେହିପରି ବିଭିନ୍ନ ଅନୁଷ୍ଠାନ ଗୁଡିକୁ ମାଗଣାରେ ଚାରା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି ବୋଲି ଆରସିସିଏଫ ଯୁଗ ଦୟାନନ୍ଦ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେହିପରି ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀ ନିଜର ଘର, ଜମି କିମ୍ବା ଆଖପାଖ ଅଞ୍ଚଳରେ ଥିବା ଖାଲି ଜାଗାରେ ଅଧିକରୁ ଅଧିକ ଚାରା ରୋପଣ କରି ତାର ଯତ୍ନ ନେବା ସାଙ୍ଗକୁ ଏକ ସୁସ୍ଥ ଓ ସୁନ୍ଦର ସବୁଜିମା ସୃଷ୍ଟି କରିବାକୁ ଜିଲ୍ଲାବାସୀଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ପିଠାବଟା ରେଞ୍ଜ ଅଧିନ ସାନଶୋଳ ଆଦର୍ଶ ବିଦ୍ୟାଳୟ ପରିସରରେ ଏକ ସାମୂହିକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆରସିସିଏଫ ଶ୍ରୀ ଯୁଗ ଦୟାନନ୍ଦ, ବାରିପଦା ଡ଼ିଏଫଓ ଶ୍ରୀ ଯୋଶୀ, ଏସିଏଫ ଦିଲ୍ଲିପ ୍ରରିକ, ପିଠାବଟା ରେଞ୍ଜର ଲକ୍ଷ୍ମୀଧର ବେହେରା ପ୍ରମୁଖଙ୍କ ସମେତ ବନ ବିଭାଗର କର୍ମଚାରୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ଲକ୍ଷାଧିକ ଟଙ୍କାର ଧାନଚାରା ନଷ୍ଟ କଲେ ହାତୀପଲ, ବନ ବିଭାଗ ଚୁପ୍

ହରିଚନ୍ଦନପୁର: କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଘଟଗାଁ ରେଞ୍ଜ ଦେଉବନ୍ଧ ଫରେଷ୍ଟ ଅନ୍ତର୍ଗତ ପିଟାପିଟି ଗ୍ରାମରେ ବିଳମ୍ବିତ ରାତିରେ ହାତୀପଲ ଅନେକ ଲୋକଙ୍କ ଚାଷଜମିରେ ପଶି ଧାନତଳି ଦଳି ଚକଟି ନଷ୍ଟ କରିଦେଇଛନ୍ତି। ୫ ଟିକିଆ ହାତୀପଲ ଗ୍ରାମ ମଧ୍ୟରେ ପଶି ଲୀଳାବତୀ ନାଏକ, ବାମନ ସାହୁଙ୍କ କିଆରିରେ ଲାଗିଥିବା ଧାନତଳି ଦଳି ଚକଟି ଦେଇଥିବା ବେଳେ ଗ୍ରାମର ବଳଭଦ୍ର ସାହୁଙ୍କ ବଗିଚାରେ ପଶି କଦଳୀ ଗଛ, ଭେଣ୍ଡି, ବାଇଗଣ, ମକାଗଛ ନଷ୍ଟ କରିଛନ୍ତି। ଚଳିତ ବର୍ଷ ହରିଚନ୍ଦନପୁର ଅଂଚଳରେ କମ୍ ବର୍ଷା ହେଉଥିବାରୁ ଧାନ ତଳି ପକାଇ ଚାଷୀ ବିଲରେ ତଳି ରୋଇବାକୁ ଅପେକ୍ଷା କରିଥିବା ବେଳେ ହାତୀପଲ ତଳି କିଆରୀ ମାଡ଼ିଦଳି ଦେଇଥିବାରୁ ଚାଷ କାର୍ଯ୍ୟ କରିବା କଷ୍ଟକର ହୋଇପଡ଼ିଛି। ଏହା ପୂର୍ବରୁ ହାତୀପଲ କାଳିମାଟି, ଚକ୍ରଧରପୁର ଗ୍ରାମରେ ଧାନତଳି ନଷ୍ଟ କରିଥିଲେ। ଅନ୍ୟପଟେ ଏହି ହାତୀପଲ ଦିନ ବେଳେ ନରଣପୁର ହରିଚନ୍ଦନପୁର ଭିଆଇପି ରାସ୍ତାର ପାର୍ଶ୍ୱରେ ବୁଲୁଥିବାର ଦେଖିବାକୁ ମିଳିଥିଲା। ହେଲେ ସନ୍ଧ୍ୟା ପରେ ଏହି ହାତୀପଲ ଗାଁ ମୁହାଁ ହେଉଥିବା ନେଇ ଏଠାକାର ଲୋକମାନେ ଭୟଭୀତ ଅବସ୍ଥାରେ ବସବାସ କରୁଥିବା ଦେଖିବାକୁ ମିଳିଛି। ହାତୀପଲଙ୍କ ଉପରେ ବନବିଭାଗର ନଜର ଥିବା ସତ୍ତ୍ୱେ ଏମାନେ ଫସଲ ନଷ୍ଟ କରିଆସୁଥିବା ଏବଂ ଏମାନଙ୍କ ଉପରେ ବନବିଭାଗର ଦୃଷ୍ଟି କିପରି ପଡୁନାହିଁ ତାହାକୁ ନେଇ ସାଧାରଣରେ ବିଭିନ୍ନ ପ୍ରଶ୍ନ ସୃଷ୍ଟି ହୋଇଛି। ତେଣୁ ବେଳ ଥାଉଁ ଥାଉଁ ବନବିଭାଗ ପକ୍ଷରୁ ତତ୍ପରତା ସହ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଏଠାକାର ଅଂଚଳବାସୀ ଦାବି କରିଛନ୍ତି।

## ନୂଆ ଟ୍ରାନ୍ସଫର୍ମର ବସାଇବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି

କେନ୍ଦ୍ରାପଡା: କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅଧିନ ଖଣ୍ଡିଆବାଡି ପଂଚାୟତର ସୁଦର୍ଶନପୁର ଗ୍ରାମରେ ଦୀର୍ଘଦିନ ରୁ ଲାଗି ରହିଥିବା ବିଦ୍ୟୁତ୍ ସମସ୍ୟା ଲୋ ଭୋଲଟେଜ୍ କାରଣରୁ ଗ୍ରାମାବସୀଙ୍କ ଅସୁବିଧା ସଂପର୍କରେ ଓ ନୂଆ ଟ୍ରାନ୍ସଫର୍ମର ବସାଇବା ଦାବିରେ ଗ୍ରାମାବସୀ ମାନେ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ୧୯୬୭ ମସିହାରୁ ଏହି ଗ୍ରାମକୁ ବିଦ୍ୟୁତ୍ ସଂଯୋଗୀକରଣ କରାଯିବା ସତ୍ତ୍ୱେ ଲୋ ଭୋଲଟେଜ୍ ସମସ୍ୟା ଲଗି ରହିଛି। ପିଲାମାନେ ପାଠ ପଢିବା ମୁଖ୍ୟ ସମସ୍ୟା ହୋଇଥିବା ବେଳେ ଗ୍ରୀଷ୍ମ ଋତୁରେ ପଙ୍ଖା ବୁଲୁ ନଥିବାରୁ ଗ୍ରାମବାସୀଙ୍କ ସମସ୍ୟା ବଢି ଚାଲିଛି। ଶତାଧିକ ଗ୍ରାମବାସୀ ନୂଆ ଟ୍ରାନ୍ସଫର୍ମର ବସାଇବା ପାଇଁ ଜିଲ୍ଲାପାଳଙ୍କୁ ଦାବି କରିଛନ୍ତି। ଗ୍ରାମର କୂଳମଣି ନାୟକ, ରାଜ କିଶୋର ଦାସ, କାଳନ୍ଦୀ ମିଶ୍ର, ରାଜିବ ତରାଇ, ବୀର କିଶୋର ସୁତାର, ଅମିତା ବରାଳ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ପ୍ରସ୍ତାବିତ ବିମାନ ବନ୍ଦରକୁ ବିରୋଧ ; ଅଂଚଳବାସୀ ହରାଇବେ ଜୀବନ ଜିବୀକା

ପୁରୀ: ସିପ ସରୁବାଲି ଠାରେ ପ୍ରସ୍ତାବିତ ଅନ୍ତର୍ଜାତୀୟ ବିମାନ ବନ୍ଦର ନିର୍ମାଣ ହେଲେ ଅଂଚଳବାସୀ ସେମାନଙ୍କର ଜିବୀକା ହରାଇବେ। ଏହା ସହ ସମ୍ପୃକ୍ତ ଅଂଚଳର ପରିବେଶ ନଷ୍ଟ ହେବ। ଏ ସମ୍ପର୍କରେ ଅଂଚଳବାସୀ ଆଜି ଜିଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଏହି ଦାବି ପତ୍ରରେ ଉଲ୍ଲେଖି କରିଛନ୍ତି ଯେ, ବ୍ରହ୍ମଗିରି ତହସିଲ ଅନ୍ତର୍ଗତ ସିପସରୁବାଲି ରାଣୀ ଜଙ୍ଗଲ ଅଂଚଳରେ ବିମାନ ବନ୍ଦର ନିର୍ମାଣ ହେଲେ ଅନେକ ଗଛ କଟାଯିବ। ଯାହା ପରିବେଶ ସନ୍ତୁଳନରେ ବାଧକ ସୃଷ୍ଟି କରିବ। ସମୁଦ୍ର ଢେଉକୁ ରକ୍ଷା କରୁଥିବା ହେନ୍ତାଳ ବନ ଓ ବାଲିବନ୍ତ ନଷ୍ଟ ହେବ। ଚିଲିକା ପରିବେଶ ସୁରକ୍ଷା ପାଇଁ ସାତପଡା ଜମିକୁଦା ବ୍ରିଜ୍ ବାତିଲ୍ ହୋଇଥିଲା। ସିପସରୁବାଲି ଅଂଚଳରେ ଗରିବ ଶ୍ରେଣୀର ଅନେକ ପରିବାର ବାସ କରୁଛନ୍ତି। ବିମାନ ବନ୍ଦର ହେଲେ ସେମାନେ ସେମାନଙ୍କର ଭିଟାମାଟି ହରାଇବା ସହ ଜିବୀକା ହରାଇବେ। ଗ୍ରାମ ସଭା ର ବିନା ଅନୁମତିରେ କିଭଳି ବିମାନ ବନ୍ଦର ନିର୍ମାଣ ହେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହି ଅଂଚଳରେ ବସବାସ କରୁଥିବା ସ୍ଥାନୀୟ ବାସିନ୍ଦା, ଭୂମି ହରାଉଥିବା ଚାଷୀ, ଭୂମିହୀନ ଗରିବ ପରିବାର ଏବଂ ଜଙ୍ଗଲ ସୃଷ୍ଟି ପାଇଁ କାର୍ଯ୍ୟ କରୁଥିବା ଗୋଷ୍ଠୀ ସହ ଆଲୋଚନା କରାଯାଇ ନାହିଁ। ସାମୁଦ୍ରିକ ଝଡ଼ ଓ ସୁନାମିକୁ ରକ୍ଷା କରୁଥିବା ଏହି ଅଂଚଳ ଟାଙ୍ଗରା ଭୂଇଁରେ ପରିଣତ ହେବ। ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ ବିମାନ ବନ୍ଦର ବାତିଲ୍ କରିବା ପାଇଁ ଦାବି କରିଛନ୍ତି। ଏହି ଦାବି ପତ୍ର ଦେବା ସମୟରେ ଶ୍ରମିକ ନେତା ଶ୍ରୀକାନ୍ତ ପରିଜା, ପବତ୍ର ମୋହନ ଦଳାଇ, ବଳଭଦ୍ର ବରାଳ, ବିଦ୍ୟାଧର ଦଳାଇ, ବଳଭଦ୍ର ବେହେରା, ଆବାହକ ଗୋପାଳ ପ୍ରଧାନ, କ୍ଷେତ୍ରବାସୀ ପ୍ରଧାନ, ଯୁଧିଷ୍ଟିର ଦାଶ, କାଳିଆ ପାତ୍ର, ରାମଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଘଟଗାଁ ବ୍ଲକରୁ ପ୍ଲାଜମା ଦାନ କଲେ ୩ଜଣ




ଗୋଳାବନ୍ଧ(ପିଏନ)- ଘଟଗାଁ ବ୍ଲକର ୩ଜଣ ପ୍ରବାସୀ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲରେ ଅବସ୍ଥାପ୍ଲଛ ପ୍ଲାଜମା ଦାନ କେନ୍ଦ୍ରରେ ପ୍ଲାଜମା ଦାନ କରି ଫେରିଛନ୍ତି। ଖବରରୁ ପ୍ରକାଶ ଯେ ରାଜ୍ୟ ସରକାର ଗୁରୁତର କରୋନା ରୋଗୀଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ଲାଜମା ଦାନକୁ ଏକ ଫଳପ୍ରଦ ପଦ୍ଧତି ରୂପେ ଆପଣେଇବା ସହ ଏ ନେଇ ଉତ୍ସାହିତ କରି ଆସୁଛନ୍ତି। କିଛିଦିନ ପୂର୍ବେ ପ୍ରଥମ ଦଫାରେ ଘଟଗାଁ ବ୍ଲକ ପ୍ରଶାସନ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ୯ଜଣଙ୍କ ନାମ ଜିଲ୍ଲା ପ୍ରଶାସନକୁ ପ୍ରେରଣ କରାଯାଇଥିଲା। ଜିଲ୍ଲା ପ୍ରଶାସନ ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୪ଜଣଙ୍କୁ ପ୍ରେରଣ କରିବା ନିମିତ୍ତ ପତ୍ର ପ୍ରେରଣ କରିଥିଲେ। ମାତ୍ର ଶେଷ ମୁହୂର୍ତ୍ତରେ ଜନୈକ ବ୍ୟାଙ୍କ କର୍ମଚାରୀ ଏ ନେଇ ମନା କରିବା ପରେ ୩ଜଣ ଯାଇ ପ୍ଲାଜମା ଦାନ କରି ଆସିଛନ୍ତି। ପ୍ଲାଜମା ଦାନ କରିବା ପୂର୍ବରୁ ସରକାରଙ୍କ ତରଫରୁ ଆନୁଷଙ୍ଗିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ରହିବା ଓ ଖାଇବାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ପରେ ପରେ ଏହି ଉଲ୍ଲେଖନୀୟ ତଥା ମହତ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ପ୍ରଶସ୍ତିପତ୍ର ପ୍ରଦାନ କରାଯାଇଥିଲା। ସୂଚନା ଥାଉକି କୋରନାରୁ ସୁସ୍ଥ ହେବାର ଅନ୍ୟୁନ ୨୮ଦିନ ପରେ ଏକାଧିକ ରୋଗ ନଥିବା ଜଣେ ସୁସ୍ଥ ବ୍ୟକ୍ତି ପ୍ଲାଜମା ଦାନ କରିବାର ନିୟମ ରହିଛି ଓ ଜଣେ ବ୍ୟକ୍ତିର ପ୍ଲାଜମା ସହାୟତାରେ ୨ଜଣ ରୋଗୀଙ୍କୁ ସୁସ୍ଥ କରାଯାଇ ପାରୁଛି। ବିଡିଓ ନାୟାରଣ ସାହୁ, ଡାକ୍ତର ମୁକ୍ତିକାନ୍ତ ନାୟକ, ଏବିଡିଓ ଚିତ୍ତରଞ୍ଜନ ନାୟକ ଓ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ବିପୀନ ଷଡଙ୍ଗୀ ଅଧିକରୁ ଅଧିକ ସୁସ୍ଥ ହୋଇଥିବା ପ୍ରବାସୀ ତଥା ସାଧାରଣ ବ୍ୟକ୍ତି ପ୍ଲାଜମା ଦାନ ଭଳି ମହାନ କାର୍ଯ୍ୟ ପାଇଁ ଆଗେଇ ଆସିବାକୁ ନିବେଦନ କରିବା ସହ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ଅବ୍ୟାହତ ରଖିଛନ୍ତି।




# ସାତଦିନ ଜୀବିତ ରହିବ ଲିଭର !



ସ୍ୱିଜରଲ୍ୟାଣ୍ଡର ଇଟିଏର ଜୁରିକ୍ ବିଶ୍ୱବିଦ୍ୟାଳୟର ଗବେଷକଙ୍କ ଅନୁଯାୟୀ ନୂତନ ଟେକ୍ନୋଲୋଜି ଦ୍ୱାରା ଲିଭରରେ ହୋଇଥିବା ତ୍ରୁଟିକୁ ସୁଧାରି ଏହାକୁ ପୁଣି କାର୍ଯ୍ୟକାରୀ କରାଯାଇପାରିବ। ଏହା ବିଭିନ୍ନ ପ୍ରକାର କ୍ୟାନସର ଏବଂ ଲିଭର ରୋଗୀଙ୍କ ଜୀବନ ବଞ୍ଚାଇବାରେ ସହଯୋଗୀ ସାବ୍ୟସ୍ତ ହେବ। ଏହି ଡିଭାଇସ ସମ୍ପର୍କରେ ନେଚର ବାୟୋଟେକ୍ନୋଲୋଜିରେ ବିସ୍ତୃତ ଭାବରେ ବ୍ୟାଖ୍ୟା କରାଯାଇଛି। ଏହା ଏକ ଜଟିଳ ପରଫ୍ୟୁଜନ ସିଷ୍ଟମ ଯାହା ସହାୟତାରେ ଅଙ୍ଗକୁ ଶରୀର ଅନୁକୂଳ କାର୍ଯ୍ୟ କରିବାରେ ସହାୟତା ମିଳିଥାଏ। ପରଫ୍ୟୁଜନ ସିଷ୍ଟମ ଜରିଆରେ ରକ୍ତବାହି ନାଳିକାଗୁଡ଼ିକରେ ରକ୍ତ ପ୍ରବାହ ଜାରି ରଖାଯାଇପାରେ। ଇଟିଏଚ୍ ଜୁରିକ୍‌ର ଗବେଷକମାନେ ଏବଂ ଏହି ଅଧ୍ୟୟନର ସହ ଲେଖକ ପିୟରେ ଏଲେନ୍ କ୍ଲେବିନ୍ କହିଛନ୍ତି ଚାରିବର୍ଷ ପରିଶ୍ରମ ପରେ ବର୍ତ୍ତମାନ ପରଫ୍ୟୁଜନ ସିଷ୍ଟମ ଏହି ଅବସ୍ଥାରେ ପହଞ୍ଚିଛି। ଏହାର ସଫଳତା ପଛରେ ସର୍ଜନ, ଜୀବବିଜ୍ଞାନୀ ଏବଂ ଇଞ୍ଜିନିୟରମାନଙ୍କର ଗୋଟିଏ ସମୂହର କଠିନ ପରିଶ୍ରମ ରହିଛି। ଏହି ବ୍ୟବସ୍ଥା ଅଙ୍ଗ ପ୍ରତ୍ୟାରୋପର ଏବଂ କ୍ୟାନସର ଚିକିତ୍ସା କ୍ଷେତ୍ରରେ ନୂତନ କ୍ରାନ୍ତି ଆଣିପାରିବ। ସେ କହିଥିଲେ ଯେ ୨୦୧୫ରେ ଯେତେବେଳେ ଆମେ ଏହି ବ୍ୟବସ୍ଥା ଉପରେ କାମ କରିବା ଆରମ୍ଭ କଲୁ ସେତେବେଳେ ଲିଭରକୁ ମେସିନ ଜରିଆରେ କେବଳ ୧୨ ଘଣ୍ଟା ଜୀବିତ ରଖାଯାଇପାରୁଥିଲା। କିନ୍ତୁ ବର୍ତ୍ତମାନ ଏହି ବ୍ୟବସ୍ଥାରେ ଅତିକମ୍‌ରେ ସାତ ଦିନ ପର୍ଯ୍ୟନ୍ତ ଜୀବିତ ରହିପାରିବ। ଏହାର ସହାୟତାରେ ଲିଭରରେ ପୂର୍ବରୁ ଥିବା ଆଘାତ ମରାମତି କରିବା ସହ ଏଥିରେ ଜମା ହୋଇଥିବା ଫ୍ୟାଟ୍ ମଧ୍ୟ ସଫା କରାଯାଇପାରିବ। ସେ କହିଥିଲେ ଯେ, ଏହି ଟେକ୍ନୋଲୋଜିର ସୁଫଳ ଦୂରଗାମୀ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ବିଶେଷ ଭାବରେ ମିଳିପାରିବ। କାରଣ ଅନେକ ସମୟରେ ଅଙ୍ଗର ପରିବହନରେ ଅଧିକ ସମୟ ଲାଗିଯାଏ। ଯେକୌଣସି ଅଙ୍ଗ ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଶରୀର ବାହାରେ ଜୀବିତ ରହିପାରେ। ଏହାପରେ ତାର କୋଷଗୁଡ଼ିକ ଉପରେ ପ୍ରଭାବ ପଡ଼େ। ଫଳରେ ଅଙ୍ଗ ପ୍ରତ୍ୟାରୋପଣରେ ବିଳମ୍ବ ହେଲେ ଉକ୍ତ ଅଙ୍ଗ ଖରାପ ହେବା କିମ୍ବା ପ୍ରତ୍ୟାରୋପଣ ହେଲେ କାମ ନକରିବାର ଆଶଙ୍କା ବଢ଼ିଯାଏ। ଇଟିଏଚ୍ ଜୁରିକ୍‌ର ଗବେଷକମାନେ କହିଛନ୍ତି ଯେ, ଆମର ପରିଯୋଜନା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ସବୁଠାରୁ ବଡ଼ ଆହ୍ୱାନ ଥିଲା ମେସିନ୍ ପାଇଁ ଏକ ସାଧାରଣ ଭାଷା ଖୋଜିବା। ଯାହାଦ୍ୱାରା ଚିକିତ୍ସକ ଏବଂ ଇଞ୍ଜିନିୟରମାନଙ୍କ ମଧ୍ୟରେ ଅବିରତ ଯୋଗାଯୋଗ ରକ୍ଷା ହୋଇପାରିବ। ପ୍ରକୃତରେ ଅନେକ ସମୟରେ ମେସିନର ଭାଷା ବୁଝିବା ପାଇଁ ଚିକିତ୍ସକମାନଙ୍କୁ ଭିନ୍ନ ଭାବରେ ଗୋଟିଏ ଶ୍ରେଣୀରେ ସାମିଲ ହେବାକୁ ପଡୁଥିଲା। ଏହି ସମସ୍ୟାରୁ ରକ୍ଷା ପାଇବା ପାଇଁ ଆମେ ମଝି ମଝିଆ ବାଟ ଖୋଜିଥିଲୁ ଏବଂ ନୂଆ ମେସିନ ପ୍ରସ୍ତୁତ କଲୁ। ଏହି ମେସିନର ଗୁରୁତ୍ୱ ଏଥିରୁ ବୁଝାପଡ଼େ ଯେ ଅଧ୍ୟୟନ ସମୟରେ ଗବେଷକମାନେ ୟୁରୋପର ଅଙ୍ଗ ପ୍ରତ୍ୟାରୋପଣ କେନ୍ଦ୍ରରେ ଯେଉଁ ଲିଭରଗୁଡ଼ିକୁ ଡାକ୍ତରମାନେ ସେଗୁଡ଼ିକର ମାନ ପରୀକ୍ଷା କରି ପ୍ରତ୍ୟାରୋପଣ ଯୋଗ୍ୟ ନୁହେଁ ବୋଲି ଘୋଷଣା କରିଥିଲେ ସେ ମଧ୍ୟରୁ ଛଅଟିକୁ ପରଫ୍ୟୁଜନ ସିଷ୍ଟମ ଜରିଆରେ ପୁଣିଥରେ ପ୍ରତ୍ୟାରୋପଣ ଯୋଗ୍ୟ କରାଯାଇଥିଲା। ତେଣୁ ଆଗାମୀ ଦିନରେ ଏହା ଅଙ୍ଗ ପ୍ରତ୍ୟାରୋପଣ କ୍ଷେତ୍ରରେ ଏକ ନୂତନ କ୍ରାନ୍ତି ଆଣିବ।



**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ: ୯୪୩୭୦୫୧୯୫୭**

## ଅଜିତ ମଙ୍ଗରାଜଙ୍କ ଅକାଳ ବିୟୋଗ ଦଳ ପାଇଁ ଅପୂରଣୀୟ କ୍ଷତି

ଭୁବନେଶ୍ୱର (ପିଏନ୍): ପୁରୀ ଜିଲ୍ଲା କଂଗ୍ରେସ କମିଟିର ସଭାପତି ତଥା ପିପିଲି ଉପନିର୍ବାଚନରେ କଂଗ୍ରେସ ଦଳୀୟ ପ୍ରାର୍ଥୀ ଶ୍ରୀଯୁକ୍ତ ଅଜିତ୍ ମଙ୍ଗରାଜଙ୍କ କରୋନାଜନିତ ଅକାଳ ବିୟୋଗ କଂଗ୍ରେସ ଦଳୀୟ କର୍ମୀ, ନେତୃମଣ୍ଡଳୀ ମନରେ ଗଭୀର ଦୁଃଖ ଦେଇଛି। ସ୍ୱର୍ଗତଃ ମଙ୍ଗରାଜଙ୍କ ଅକାଳ ବିୟୋଗ ଖବର ଶୁଣି ପିସିସି ସଭାପତି ଶ୍ରୀଯୁକ୍ତ ନିରଂଜନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗ, ଶୁଭେଚ୍ଛୁ ଓ ଦଳୀୟ କର୍ମୀଙ୍କୁ ସମବେଦନା ଜଣାଇଛନ୍ତି। ପିପିଲି- ଡେଲାଙ୍ଗରେ ଦଳୀୟ ନେତା ଓ କର୍ମୀ ଏ ଦୁଃଖଦ ଖବର ଶୁଣି ଆପୋଲୋ ହସ୍‌ପିଟାଲରେ ପହଂଚିଥିଲେ। ସର୍ବଶ୍ରୀ ପ୍ରାକ୍ତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଏଆଇସିସିର ସଂପାଦକ ଜି. ରୁଦ୍ର ରାଜୁ, ବିଧାୟକ ତାରାପ୍ରସାଦ ବାହିନୀପତି, ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, ବିଧାୟକ ସନ୍ତୋଷ ସିଂ ସାଲୁଜା, ଶୁଭେନ୍ଦୁ ମହାନ୍ତି, ଅଧିରାଜ ମୋହନ ପାଣିଗ୍ରାହୀ, ରମେଶ ଜେନା, ସଂଗ୍ରାମ ଜେନା, ୟାସିର ନୱାଜ, ରଜତ ଚୌଧୁରୀ, ପଦ୍ମାକର ଗୁରୁ, ଦୀପକ କୁମାର ମହାପାତ୍ର, ମନୋଜ ବିଶ୍ୱାଳ, ଦୀପକ ସାହୁ, ସୁଶାନ୍ତ ତ୍ରିପାଠୀ, ସୁବାଷ ପ୍ରଧାନ, ପ୍ରତାପ ପ୍ରଧାନ, ତାପସ ସେଠୀ, ନିହାର ରଂଜନ ବେହେରା ପ୍ରମୁଖ ଶତାଧିକ ନେତୃମଣ୍ଡଳୀ ଶୋକାକୁଳ ପରିବେଶରେ ପ୍ରିୟ ନେତାଙ୍କ ପ୍ରତି ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ। ସ୍ୱର୍ଗତଃ ମଙ୍ଗରାଜ ଅକାଳ ବିୟୋଗ ଫଳରେ ପିପିଲି- ଡେଲାଙ୍ଗ ନିର୍ବାଚନ ମଣ୍ଡଳୀ ତଥା ପୁରୀ ବାସୀଙ୍କ ପାଇଁ ଓ ବିଶେଷ କରି କଂଗ୍ରେସ ଦଳ ପାଇଁ ଅପୂରଣୀୟ କ୍ଷତି ହୋଇଛି ବୋଲି ନେତାମାନେ ମତବ୍ୟକ୍ତ କରିଛନ୍ତି।

## ନବୀନର ତ୍ରୟୋବିଂଶ ବିଷୁବ ମିଳନରେ ୫ ପ୍ରତିଭାଧର ସମ୍ମାନିତ ହେବେ

ବ୍ରହ୍ମପୁର (ପିଏନ୍): ଓଡ଼ିଶାର ସର୍ବପୁରାତନ ସମ୍ବାଦପତ୍ର 'ନବୀନ' ପକ୍ଷରୁ ଗଠିତ ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନ ଆନୁକୂଲ୍ୟରେ ତ୍ରୟୋବିଂଶ ବିଷୁବ ମିଳନ ଅବସରରେ ୫ ଜଣ ପ୍ରତିଭାଧରଙ୍କୁ ସମ୍ମାନିତ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ଏକ ଚୟନ କମିଟିର ବୈଠକ ପ୍ରତିଷ୍ଠାନର ସଭାପତି ତଥା ନବୀନର ସମ୍ପାଦକ ରବି ରଥଙ୍କ ଅଧକ୍ଷତାରେ ନବୀନ ଭବନ ପରିସରରେ ଅନୁଷ୍ଠିତ ହୋଇଥିଲା। ଅପ୍ରେଲ ୧୪ ତାରିଖ (ବୁଧବାର)ରେ ଇଞ୍ଜିନିୟରିଂ ସ୍କୁଲ ଛକସ୍ଥିତ ରେଭିନ୍ୟୁ ଆଇବି (ରାଜସ୍ୱ ଡ଼ାକବଙ୍ଗଳା) ସମ୍ମିଳନୀ କକ୍ଷରେ ଆୟୋଜିତ ହେବାକୁ ଯାଉଥିବା ବିଷୁବ ମିଳନ ଓ ରାଜ୍ୟସ୍ତରୀୟ ସାରସ୍ୱତ ସମାବେଶରେ ଚଳିତ ବର୍ଷ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭାଗିରଥୀ ବେହେରା (ବ୍ରହ୍ମପୁର), ହରିହର ଚୌଧୁରୀ (ହିଞ୍ଜିଳିକାଟୁ), ଜଗନ୍ନାଥ ପଣ୍ଡା (ଛତ୍ରପୁର), ଡ଼ା. ଶଙ୍କର୍ଷଣ ପାତ୍ର (ବ୍ରହ୍ମପୁର), ସୁଶାନ୍ତ କୁମାର ଦାଶ (ଖୋର୍ଦ୍ଧା)ଙ୍କୁ ନବୀନ ବିଷୁବ ସମ୍ମାନରେ ସମ୍ମାନିତ କରାଯିବା ପାଇଁ ଘୋଷଣା କରାଯାଇଛି ।

## ସାଇବର ଠକେଇରେ ୯ଲକ୍ଷ ୬୬ ହଜାର ଟଙ୍କା ଲୁଟ ଅଭିଯୋଗ

କେନ୍ଦ୍ରାପଡା (ପିଏନ୍): ସାଇବର ଠକେଇ ଦ୍ୱାରା ଜନୈକ ପଶୁସମ୍ପଦ ବିଭାଗର ଡାକ୍ତରଙ୍କ ବ୍ୟାଙ୍କ ଆକାଉଁଟରୁ ଏକାଧିକ ଥରରେ ୯ଲକ୍ଷ ୬୬ହଜାର ଟଙ୍କା ଉଠାଇ ନିଆଯାଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାଇ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ବଉଳବିହାରରେ ରହୁଥିବା ଡେରାବିଶି ବ୍ଲକର ସହକାରୀ ଭେଟନାରୀ ସର୍ଜନ ଜୀତାଂଶୁ ଶେଖର ମହାନ୍ତିଙ୍କର କଟକସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆରେ ତାଙ୍କ ପତ୍ନୀ ଏବଂ ତାଙ୍କ ନାମରେ ଏକ ଯୁଗ୍ମ ଆକାଉଁଟ ରହିଛି । ହଠାତ ସେହି ଆକାଉଁଟରୁ ୫ହଜାର, ଦଶ ହଜାର ଉଠିଯାଉଥିବା ସମ୍ପର୍କରେ ଗତ ଫେବୃୟାରୀ ମାସ ୧୩ ତାରିଖରେ ମେସେଜ ଉପରେ ମେସେଜ ଆସିଥିଲା। ତାଙ୍କର ସନ୍ଦେହ ହେବାରୁ ସେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ କଥା ହୋଇ ତାଙ୍କ ଏଟିଏମକୁ ବ୍ଲକ କରିଦେଇଥିଲେ। ପରେ ବ୍ୟାଙ୍କ ଷ୍ଟେଟମେଂଟ କଢାଯିବା ପରେ ତାଙ୍କ ବ୍ୟାଙ୍କ ଆକାଉଁଟରୁ ୯ଲକ୍ଷ ୬୬ ହଜାର ଟଙ୍କା ଉଠାଇନିଆଯାଇଥିବା ସମ୍ପର୍କରେ ଜାଣିପାରିଲେ । ସେ ଏ ସମ୍ପର୍କରେ କଟକସ୍ଥିତ ସାଇବର କ୍ରାଇମ ସେଲରେ ଅଭିଯୋଗ କରିବା ପରେ ସଂପୃକ୍ତ ବିଭାଗ ସେହି ଅଭିଯୋଗଟିକୁ କେନ୍ଦ୍ରାପଡା ଏସପିଙ୍କୁ ପଠାଇଦେଇଥିଲେ । କାରଣ ଏ କ୍ଷେତ୍ରରେ ୧୦ଲକ୍ଷ ଟଙ୍କାରୁ କମ୍ ଟଙ୍କା ଲୁଟ ହୋଇଥିବାରୁ ସଂପୃକ୍ତ ମାମଲାଟି ଏସପିଙ୍କୁ ପଠାଇ ଦିଆଗଲା ବୋଲି ସୂଚନା ଦିଆଗଲା। ଏ ସମ୍ପର୍କରେ ସଦର ଥାନା ଇନିସପେକ୍ଟର ପ୍ରମୋଦ କୁମାର ମଲ୍ଲିକ କୁହନ୍ତି ଯେ ସଂପୃକ୍ତ ବ୍ୟାଙ୍କ ଏଟିଏମର କ୍ଲୋନିଂ କରାଯାଇ ଏଭଳି ଭାବେ ୯ଲକ୍ଷ ୬୬ହଜାର ଟଙ୍କା ଲୁଟ କରାଯାଇଛି । ଘଟଣାର ଅନୁସନ୍ଧାନ ସାଇବର କ୍ରାଇମ ବିଭାଗ କରୁଛି ବୋଲି ସେ କହିଛନ୍ତି ।

## ହୃଦ୍‌ଘାତରେ ସମାଜସେବୀଙ୍କ ମୃତ୍ୟୁ

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗଣ୍ଡାଖିଆ ଗ୍ରାମର ସମାଜସେବୀ ଧ୍ରୁବ ଚରଣ ପଣ୍ଡାଙ୍କ ୮୫ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନୀ ଅଞ୍ଜଳି ପଣ୍ଡା, ପୁତ୍ର ଅରକ୍ଷିତ, ହିମାଂଶୁ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ଖବର ପାଇ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଆଇନଜୀବୀ ଅବିନାଶ ପଣ୍ଡା, ରତିକାନ୍ତ ଚୌଧୁରୀ, ଦିଲ୍ଲିପ ଚରଣ ପାଢୀ, ବାଲା ପାଢୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଁଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠପୁତ୍ର ଅରକ୍ଷିତ ମୁଖାଗ୍ନି ଦେଇଥିଲେ।

# ଓଡ଼ିଶା ଇତିହାସ କଂଗ୍ରେସର ପ୍ରତିଷ୍ଠା ଦିବସ ଏବଂ ପ୍ରଥମ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ସ୍ମାରକୀ ବକ୍ତୃତାମାଳା

ଭୁବନେଶ୍ୱର (ପିଏନ୍): ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ଏବଂ ପ୍ରାଚୀନ ଭାରତ ଇତିହାସ ସଂସ୍କୃତି ଓ ପ୍ରତ୍ନତତ୍ତ୍ୱ ବିଭାଗ ସହିତ ଓଡ଼ିଶା ଇତିହାସ କଂଗ୍ରେସର ମିଳିତ ଆନୁକୂଲ୍ୟରେ ଓଡ଼ିଶା ଇତିହାସ କଂଗ୍ରେସର ପ୍ରତିଷ୍ଠା ଦିବସ ଏବଂ ପ୍ରଥମ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ସ୍ମାରକୀ ବକ୍ତୃତାମାଳା ବାଣୀବିହାର ପିଜି କାଉନ୍‌ସିଲ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବାରିପଦା ମହାରାଜା ଶ୍ରୀରାମଚନ୍ଦ୍ର ଭ ଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବାସା ଯୋଗଦେଇ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ପ୍ରଥମ ସ୍ମାରକୀ ବକ୍ତୃତାମାଳା ପ୍ରଦାନ କରିଥିଲେ। ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ଜୀବନୀ ଏବଂ ଓଡ଼ିଶା ଇତିହାସ ଓ ପ୍ରତ୍ନତତ୍ତ୍ୱକୁ ତାଙ୍କର ଅବଦାନ ଉପରେ ଆଲୋକପାତ କରି ପ୍ରଫେସର କିଶୋର କୁମାର ବାସା କହିଥିଲେ ଯେ ବୃତ୍ତିରେ ପରମାନନନ୍ଦ ଆଚାର୍ଯ୍ୟ ଜଣେ ଉଦ୍ଭିଦବିଜ୍ଞାନୀ ଥିଲେ। ଜାପାନ ଗସ୍ତରେ ଧାନ ଗବେଷଣା ଉପରେ ଅଧିକ ଗବେଷଣା ପାଇଁ ମୟୂରଭଂଜ ରାଜାଙ୍କ ଦ୍ୱାରା ସ୍ଥିରୀକୃତ କରାଯାଇଥିଲା; କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧ କାରଣରୁ ପରମାନନ୍ଦ ଆଚାର୍ଯ୍ୟଙ୍କ ଜାପାନ ଗସ୍ତ ସ୍ଥଗିତ ହୋଇଥିଲା। କଲିକତା ବିଶ୍ୱବିଦ୍ୟାଳୟ ଗବେଷକଙ୍କ ଦ୍ୱାରା ମୟୂରଭଂଜ ଜିଲାରେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣରେ ନିଜକୁ ନିୟୋଜିତ କରିଥିଲେ ଏବଂ ପ୍ରଥମ କରି ଓଡ଼ିଶାରେ ନୂତନ ପ୍ରସ୍ତର ଯୁଗର ବସତି ଠାବ କରିଥିଲେ। ସମଗ୍ର ଭାରତବର୍ଷରେ କିଚକେଶ୍ୱରୀ ମନ୍ଦିରର ପୁନରୁଦ୍ଧାର ଏବଂ ସଂରକ୍ଷଣ ଯାହାକି ଭାରତବର୍ଷରେ ପ୍ରଥମ ଉଦାହରଣ। ଏଥିପ୍ରତି ତାଙ୍କର ଯଥେଷ୍ଟ ଅବଦାନ ରହିଥିଲା। ଏଥିସହିତ ପ୍ରତ୍ନତତ୍ତ୍ୱ, ଶିଳାଲେଖ, ମୁଦ୍ରା, ଚାରୁକଳା ପ୍ରଭୃତିରେ ତାଙ୍କର ବିଶେଷ ଅବଦାନ ପାଇଁ ତାଙ୍କୁ ପଦ୍ମଶ୍ରୀ ଉପାଧି ଭାରତ ସରକାରଙ୍କ ଦ୍ୱାରା ଭୂଷିତ କରାଯାଇଥିଲା। ପରମାନନ୍ଦ ଆଚାର୍ଯ୍ୟଙ୍କ ଐତିହାସିକ କୃତି ଓ ସାମ୍ପ୍ରତିକ ପରିସ୍ଥିତିରେ ପ୍ରତ୍ନତତ୍ତ୍ୱର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିବା ସହ ଭବିଷ୍ୟତରେ ଆଞ୍ଚଳିକବାଦ କିଭଳି ଭାବେ ଐତିହାସିକ ଏବଂ ପ୍ରତ୍ନତାତ୍ତ୍ୱିକ ଗବେଷଣାକୁ ପ୍ରଭାବିତ କରିବ ତାହା ପ୍ରଫେସର ବାସା ଉଲ୍ଲେଖ କରିଥିଲେ। ଇତିହାସ କଂଗ୍ରେସର ସଭାପତି ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପିଜି କାଉନ୍‌ସିଲ୍ ଅଧକ୍ଷ ପ୍ରଫେସର ବସନ୍ତ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ସଦସ୍ୟ ପ୍ରଫେସର ସୁସ୍ମିତ ପ୍ରସାଦ ପାଣି ଯୋଗଦେଇ ଇତିହାସର ଭବିଷ୍ୟତ ଏବଂ ଆମର କର୍ତ୍ତବ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାଚୀନ ଭାରତ ଇତିହାସ ସଂସ୍କୃତି ଓ ପ୍ରତ୍ନତତ୍ତ୍ୱ ବିଭାଗ ମୁଖ୍ୟ ପ୍ରଫେସର ସଂଜୟ ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଇତିହାସ କଂଗ୍ରେସର ସାଧାରଣ ସମ୍ପାଦକ ଡ. ସୁବାସଚନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ। ସୁଶାନ୍ତ କୁମାର ପାତ୍ର, ଅନାମ ବେହେରା, ରମେଶ ମଲ୍ଲିକ, ତ୍ରୈଲୋଚନ ପଢ଼ିହାରୀ, ଅଶୋକ କୁମାର ପଟ୍ଟନାୟକ, କମଳା ପ୍ରସାଦ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ଗବେଷକ ଓ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ।

# ଖରିଫ୍ ଧାନକିଣାରୁ ୨ଲକ୍ଷ ୮୦ ହଜାରରୁ ଉର୍ଦ୍ଧ୍ୱ ପଂଜିକୃତ ଚାଷୀ ବଂଚିତ

ଭୁବନେଶ୍ୱର (ପିଏନ୍)-ଓଡ଼ିଶା ସରକାର ୨୦୨୦ ଖରିଫର ଉତ୍ପାଦିତ ସମସ୍ତ ବଳକା ଧାନ କ୍ରୟ କରିବା ପାଇଁ ଚାଷୀମାନଙ୍କୁ ନିର୍ଭର ପ୍ରତିଶ୍ରୁତି ଦେବା ସହ ଧାନ ସଂଗ୍ରହ ବ୍ୟବସ୍ଥାକୁ ସ୍ୱଚ୍ଛ, କ୍ରିୟାଶୀଳ ଏବଂ ଅନୁକୂଳ ପ୍ରକ୍ରିୟାରେ ସମ୍ପାଦନ କରିବେ ବୋଲି ନିଷ୍ପତି ନେଇଥିଲେ। ତଦନୁଯାୟୀ ରାଜ୍ୟର ମୋଟ ୧୪ ଲକ୍ଷ ୭୨ ହଜାର ୪୯୫ଜଣ ଚାଷୀ ଧାନ ବିକ୍ରୟ କରିବା ପାଇଁ ନିର୍ଦ୍ଧାରିତ ସମୟରେ ସେମାନଙ୍କ ନାମ ପଂଜିକରଣ କରିଥିଲେ। ନଭେମ୍ବର ୧ରୁ ମାର୍ଚ୍ଚ-୩୧, ୨୦୨୧ ଧାନ କ୍ରୟ ସମୟର ଅବଧି ଥିଲା। କିନ୍ତୁ କ୍ଷୋଭ ଓ ପରିତାପର ବିଷୟ, ସରକାରଙ୍କ ତରଫରୁ ବିଭିନ୍ନ ଜିଲ୍ଲାରେ ବିଳମ୍ବରେ ମଣ୍ଡି ଖୋଲାଯିବା, ଟୋକନ ପ୍ରଦାନ ପ୍ରକ୍ରିୟାରେ ବିଳମ୍ବତା ଏବଂ ମଣ୍ଡିକୁ ଟାର୍ଗେଟ ନଦେଇ ନିର୍ଦ୍ଧାରିତ ସମୟ ପୂର୍ବରୁ ଅନେକ ମଣ୍ଡି ବନ୍ଦ କରିବା ଫଳରେ ଅନେକ ଟୋକନ୍ ଲାପ୍ସ କଲା। ଫଳରେ ଚାଷୀ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଲେ; ଯଦ୍ୱାରା ୨ଲକ୍ଷ ୮୦ ହଜାର ୪୬୯ଜଣ ପଂଜିକୃତ ଚାଷୀଙ୍କଠାରୁ ସରକାର ଆଦୌ ଧାନ କ୍ରୟ କଲେନାହିଁ। ଫଳରେ ଧାର କରଜ, ପରିଶ୍ରମ କରି ଧାନ ଉତ୍ପାଦନ କରିଥିବା ଲକ୍ଷ ଲକ୍ଷ ଚାଷୀ ଅଭାବୀ ବିକ୍ରିର ଶିକାର ହେବା ସହିତ ବହୁ ଦୁର୍ଦ୍ଦଶା ମଧ୍ୟରେ ଗତି କରୁଛନ୍ତି। ଅପରପକ୍ଷରେ ସରକାର ଗତବର୍ଷ ତୁଳନାରେ ୧୮ ପ୍ରତିଶତ ଅଧିକ ଧାନ ସଂଗ୍ରହ କରିଛନ୍ତି ବୋଲି ସଫେଇ ଦେଉଥିବା ବେଳେ ୨୦୨୦ ଖରିଫର ଆଉ ପାଖାପାଖି ୨୫ ପ୍ରତିଶତରୁ ଉର୍ଦ୍ଧ୍ୱ ଧାନ ଚାଷୀଙ୍କ ପାଖରେ ପଡ଼ି ରହିଛି। ବର୍ତ୍ତମାନ ଧାନ କିଣାର ଅବଧି ଶେଷ। ଚାଷୀକୁଳ କରିବ କ'ଣ? ଏହା ଏକ ଚିନ୍ତାର କାରଣ। ୨୦୧୯ ଖରିଫରେ ସରକାର ୫୩ ଲକ୍ଷ ୩୧ ହଜାର ମେଟ୍ରିକ୍ ଟନ୍ ଧାନ କ୍ରୟ କରିଥିବା ବେଳେ ୨୦୨୦ ଖରିଫରେ ୬୨ ଲକ୍ଷ ୯୩ ହଜାର ମେଟ୍ରିକ୍ ଟନ୍ ଧାନ କ୍ରୟ କରି ଗତବର୍ଷ ତୁଳନାରେ ଅଧିକ ୧୮ ପ୍ରତିଶତ ଧାନ କିଣାଯିବା କଥା ସୂଚନା ଦେବା ଏକ ହାସ୍ୟାସ୍ପଦର ବିଷୟ। ପରିସଂଖ୍ୟାନ ଅନୁଯାୟୀ ଗତ ୨୦୧୯ ବର୍ଷର ପାଣିପାଗ ତୁଳନାରେ ଧାନ ଉତ୍ପାଦନ ଯଥେଷ୍ଟ କମ୍ ଥିଲା। କିନ୍ତୁ ୨୦୨୦ ଖରିଫ୍ ଧାନ ଉତ୍ପାଦନରେ ଉତ୍ତମ ଜଳବାୟୁ ଯୋଗୁଁ ଯଥେଷ୍ଟ ପରିମାଣରେ ରେକର୍ଡ଼ ସଂଖ୍ୟକ ଧାନ ଉତ୍ପାଦନ ହୋଇଛି। ସରକାର ଚାଷୀଙ୍କଠାରୁ ସମସ୍ତ ବଳକା ଧାନ କିଣିବେ ବୋଲି ଗଣମାଧ୍ୟମରେ ବ୍ୟାପକ ପ୍ରଚାର ଓ ପ୍ରସାର କରିଛନ୍ତି। କିନ୍ତୁ ବର୍ତମାନ ଅବଧି ଶେଷ ପରେ ସରକାର ଧାନ କିଣିବାକୁ ନାରାଜ। ସରକାରଙ୍କ ତ୍ରୁଟିପୂର୍ଣ୍ଣ ଖାଦ୍ୟନୀତି, ନିଅଣ୍ଟିଆ ଆର୍ଥିକ ବ୍ୟବସ୍ଥା ଏବଂ ଚାଷୀଙ୍କ ପ୍ରତି ଚରମ ଅବହେଳା ଏଥିରୁ ସ୍ପଷ୍ଟ ପ୍ରମାଣିତ ହୋଇଛି ବୋଲି ପିସିସି କିଷାନ କଂଗ୍ରେସ ପକ୍ଷରୁ ଅଧକ୍ଷ ଶ୍ରୀ ଅମୀୟ କୁମାର ପଟ୍ଟନାୟକ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଚାଷୀଙ୍କର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କୃଷକ ସେଲ୍ ପକ୍ଷରୁ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଡ. ଗଣେଷୀ ଲାଲଙ୍କୁ ଏକ ସ୍ମାରକପତ୍ର ଦିଆଯାଇ ଏଥିରେ ମାନ୍ୟବର ରାଜ୍ୟପାଳ ହସ୍ତକ୍ଷେପ କରିବା ସହ ଧାନ ବିକ୍ରୟରୁ ବଞ୍ଚିତ ହୋଇଥିବା ୨ ଲକ୍ଷ ୮୦ହଜାରରୁ ଉର୍ଦ୍ଧ୍ୱ ପଂଜିକୃତ ଚାଷୀଙ୍କର ସମସ୍ତ ବଳକା ଧାନକୁ ଚଳିତ ମାସ ଏପ୍ରିଲ-୧୫ ମଧ୍ୟରେ କ୍ରୟ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଉକ୍ତ ସ୍ମାରକପତ୍ରରେ ଅଧକ୍ଷ ଶ୍ରୀ ପଟ୍ଟନାୟକଙ୍କ ସହିତ ଉପାଧକ୍ଷ ଶଶିଭୂଷଣ ପାତ୍ର, ପ୍ରେମାନନ୍ଦ ସ୍ୱାଇଁ, ଉମେଶ ସାହୁ, ସାଧାରଣ ସମ୍ପାଦକ ଇଂ. ଅରବିନ୍ଦ ସାମଲ, ଜିଲ୍ଲା ସଭାପତି ବିପ୍ରବର ସାହୁ, ସାନନ୍ଦ ମିଶ୍ର, ବୃନ୍ଦାବନ ଖଟେଇ, ଦୟାସାରଗ ମେଣ୍ଡଲୀ, ନରେନ୍ଦ୍ର ପଣ୍ଡା, ଭବାନୀ ରଥ, ଗୋବିନ୍ଦ ମିଶ୍ର, ମକର ପ୍ରଧାନ, ନର ନାରାୟଣ ଜେନା, ନିରଂଜନ ବେହେରା, ହେମଦାସ ମାଣିକପୁରୀ, ଯଶୋଦା ନନ୍ଦନ ସିଂହ, ଗୋବିନ୍ଦ ପଟେଲ ପ୍ରମୁଖ ଚାଷୀନେତାମାନେ ଦୃଢ଼ଦାବୀ କରିଛନ୍ତି।

## କେନ୍ଦ୍ରାପଡା ସରକାରୀ ହାଇସ୍କୁଲକୁ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କଲେ ବିଧାୟକ



କେନ୍ଦ୍ରାପଡା (ପିଏନ୍): ସର୍ବପୁରାତନ କେନ୍ଦ୍ରାପଡା ସରକାରୀ ହାଇସ୍କୁଲକୁ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କଲେ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା । ଏହି ଅବସରରେ ସେ ସ୍କୁଲ ପରିଦର୍ଶନରେ ଯାଇ ସ୍କୁଲ ପରିସରକୁ ବୁଲି ଦେଖିଛନ୍ତି । ସ୍କୁଲ ପରିସରରେ ଥିବା ବହୁ ପୁରାତନ, ଅବ୍ୟବହୃତ ତଥା ବିପଦ ସୃଷ୍ଟି କରୁଥିବା ଶ୍ରେଣୀ ଗୃହ ଗୁଡିକୁ ଭଙ୍ଗାଯିବା ପରେ ସେହି ସ୍ଥାନରେ ନୂତନ ଶ୍ରେଣୀଗୃହ ନିର୍ମାଣ କରାଯିବାକୁ ଉପସ୍ଥିତ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରଦୀପ୍ତ କୁମାର ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି । ଏଥିସହିତ ସେହି ସ୍କୁଲ ପରିସରରେ ଥିବା ପୁରାତନ ଐତିହ୍ୟ ବଟବୃକ୍ଷକୁ ସୁରକ୍ଷିତ ଭାବେ ରଖାଯିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ସେହି ହାଇସ୍କୁଲ ପରିସରକୁ ସର୍ବାଙ୍ଗ ସୁନ୍ଦର କରି ଗଢିତୋଳିବାକୁ ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ବିଧାୟକ ଶ୍ରୀ ବେହେରା ପ୍ରତିଶୃତି ଦେଇଛନ୍ତି । ସେଠାରେ ଉପସ୍ଥିତ ଥିବା ହାଇସ୍କୁଲର ପ୍ରଧାନଶିକ୍ଷକ ଉପେନ୍ଦ୍ର ନାଥ ସ୍ୱାଇଁ, ବିଦ୍ୟାଳୟ ମୋ ସ୍କୁଲ ଅଭିଯାନର ଅଧକ୍ଷ ଡା. ବିଶ୍ୱ ପ୍ରକାଶ କାନୁନଗୋ, ପୁରାତନ ଛାତ୍ରସଂସଦର ସମ୍ପାଦକ ଚିତ୍ତରଞ୍ଜନ ଭଗତ, ଆଇନଜୀବି ଦେବଦାସ ମହାନ୍ତି, ଯୁବନେତା ମହେନ୍ଦ୍ର ମିଶ୍ର ପ୍ରମୁଖଙ୍କ ସହ ହାଇସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯିବା ପାଇଁ ବିଧାୟକ ପ୍ରତିଶୃତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରଞ୍ଜନ କର, ପୂର୍ତ୍ତ ବିଭାଗ ଉପନିର୍ବାହୀ ଯନ୍ତ୍ରୀ ବିଜୟାନନ୍ଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ମିଶନ ଶକ୍ତି ମାଧ୍ୟମରେ ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରାଯିବ

କେନ୍ଦ୍ରାପଡା (ପିଏନ୍): ମହିଳାମାନଙ୍କର ଆର୍ଥିକ ବିକାଶ ଓ ଆତ୍ମନିର୍ଭରଶୀଳତା କରାଇବା ସହ ସେମାନଙ୍କୁ ସଶକ୍ତିକରଣ ଓ ସ୍ୱାବଲମ୍ବୀ କରାଇବା ଉଦ୍ଦେଶ୍ୟରେ କେନ୍ଦ୍ରାପଡା ଜିଲ୍ଲାରେ ମିଶନଶକ୍ତି ପ୍ରମୁଖ ଭୂମିକା ଗ୍ରହଣ କରିବ । ଏଥିନିମନ୍ତେ ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ଗାଈ, ଛେଳି, କୁକୁଡା, ମାଛ ଓ



ମେଣ୍ଢା ପାଳନ ପାଇଁ ଋଣ ପ୍ରଦାନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ଉପଲକ୍ଷେ ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ଅଧକ୍ଷତାରେ ଜିଲ୍ଲା ମିଶନ ଶକ୍ତିର ଏକ ବୈଠକରେ ଏଭଳି ନିଷ୍ପତି ଗ୍ରହଣ କରାଯାଇଛି । ଏଥିପାଇଁ ମିଶନଶକ୍ତିର ବ୍ଲକସ୍ତରୀୟ ମହିଳା ମହାସଙ୍ଘ ଓ ପଂଚାୟତସ୍ତରୀୟ ମହାସଙ୍ଘ ପାଣ୍ଠିରୁ ଆବଶ୍ୟକୀୟ ଋଣ ଆଶାୟୀ ଥିବା ଗୋଷ୍ଠୀର କର୍ମକର୍ତ୍ତାମାନଙ୍କୁ ପ୍ରଦାନ କରାଯିବ । ଏହି ବୈଠକରେ ମିଶନଶକ୍ତିର ଜିଲ୍ଲା ସଂଯୋଜକ କୈଳାସ ଚନ୍ଦ୍ର ସେନାପତି, ଓଏଲଏମର ଡିପିଏମ ସତ୍ୟଭାମା ପ୍ରଧାନ, ଜିଲ୍ଲା ମତ୍ସ୍ୟ ଅଧିକାରିଣୀ ମମତା ମହାପାତ୍ରଙ୍କ ସମେତ ପଶୁସମ୍ପଦ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।


# DISPLAY CLASSIFIED

**FOR ADVERTISEMENT CONTACT**
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ଫିରିଙ୍ଗିଆରେ ସାମୁହିକ ବୃକ୍ଷ ରୋପଣ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମ

କନ୍ଧମାଳ : କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବନାଂଚଳ ପକ୍ଷରୁ ୭୨ ତମ ବନ ମୋହତ୍ସବ ଉପଲକ୍ଷେ ବନ୍ଧଗଡ (କ) ଚଢିଆପାଲି ଉଜୁଡା ଜଙ୍ଗଲ ବା ସଂରକ୍ଷିତ ଜଙ୍ଗଲରେ ସାମୁହିକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଏବଂ ଫିରିଙ୍ଗିଆ ଓ ବନ୍ଧଗଡ ଠାରେ ଦୁଇଟି ଚାରା ବତରଣ କେନ୍ଦ୍ରର ଉଦଘାଟନ ଓ ଏକ ଭ୍ରାମ୍ୟମାଣ ଚାରା ବିତରଣ ଜାନର ଶୁଭ ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ କନ୍ଧମାଳ ଜିଲ୍ଲା ଫୁଲବାଣୀ ବନଖଣ୍ଡ ଅଧିକାରୀ ଲକ୍ଷ୍ମୀନାରାୟଣ ବେହେରା ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଥିବା ବେଳେ ଫିରିଙ୍ଗିଆ ବନାଂଚଳ ଅଧିକାରୀ ବିଜୟ କୁମାର ମଲ୍ଲିକ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ । ବନ୍ଧଗଡ ସେକସନର ବନପାଳ ସରୋଜ କୁମାର ମିଶ୍ର ଏବଂ ଫିରିଙ୍ଗିଆ ବନପାଳ ରବିନ୍ଦ୍ର ପାତ୍ରଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବନରକ୍ଷୀ ଡି ଲଛନିୟା ରେଡ୍ଡି ,ଶିଲ୍ପା ବେହେରା, ସାଗରିକା ପାଢୀ , ଦଳପତି ମନୋଜ କୁମାର ସାହୁ , ଉନ୍ନୟନ ଅଧିକାରୀ ଦଣ୍ଡପାଣୀ କହଁର, ଗୌତମ ପ୍ରହରାଜ, ବନରକ୍ଷୀ ସଂଗ୍ରାମ କେଶରୀ ଦିଗାଳଙ୍କ ସହ ବନସଂରକ୍ଷଣ ସମିତିର ସଦସ୍ୟମାନେ ,ସ୍ୱେଚ୍ଛାସେବୀ ଅନୁଷ୍ଠାନ ପାହାଡ ର କର୍ମକର୍ତା, ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଓ ସାଇତିଙ୍ଗିଆ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ ।

## ମଦମୃତ୍ୟୁ ତଦନ୍ତ ରିପୋର୍ଟ ଶୂନ୍ୟରେ ଉଭେଇଗଲା, ଚରମସୀମାରେ ପହଂଚିଛି ଚୋରା ମଦ କାରବାର, କରୋନା କଟକଣା ବେପାରୀଙ୍କୁ ସୁହାଉଛି

ଭଦ୍ରକ : ଗତ ୨୦୧୯ ସାଧାରଣ ନିର୍ବାଚନ ବେଳେ ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ମଦ ପିଇ ୧୧ ଜଣଙ୍କର ମୃତ୍ୟୁ ହୋଇଥିଲା । ସେତେବେଳେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରି ମଦ ମାଫିଆମାନେ ଚୋରାରେ ମଦ ଆଣି କାରବାର ଚଳାଇଥିଲେ । ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ତିହିଡି ଥାନା ଅନ୍ତର୍ଗତ ପୀରହାଟ ଅଂଚଳରୁ ୯ ଜଣ ଓ ଚାନ୍ଦବାଲି ଥାନା ଅଂଚଳରୁ ୨ ଜଣଙ୍କର ମୃତ୍ୟୁ ଘଟିଥିଲା । ମଦମୃତ୍ୟୁକୁ ନେଇ ସେତେବେଳେ ଜିଲା ରାଜନୀତିରେ କମ୍ପନ ସୃଷ୍ଟି ହୋଇଥିଲା । ଶେଷରେ ଭଦ୍ରକ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ତିହିଡି ଓ ଚାନ୍ଦବାଲି ପୁଲିସ୍ ପକ୍ଷରୁ ୧୭ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା । ଏମାନଙ୍କ ମଧ୍ୟରୁ ତିହିଡି ପୁଲିସ୍ ମୁଖ୍ୟ ଅଭିଯୁକ୍ତ ସହ ଅନ୍ୟ ୫ ଜଣଙ୍କୁ ଗିରଫ କରିଥିଲା । ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ । ପରବର୍ତୀ ପର୍ଯ୍ୟାୟରେ ଅନ୍ୟ ୧୨ ଅଭିଯୁକ୍ତ ହାଇକୋର୍ଟରୁ ଜାମିନ୍‌ରେ ଆସିଥିଲେ । ନିର୍ବାଚନ ପୂର୍ବଦିନ ରାତିରେ ଦଳୀୟ କର୍ମୀମାନେ ମଦ ପିଇ ଲୋକଙ୍କୁ ମଦ ପିଆଇଥିଲେ । ଏକ ନିର୍ଦ୍ଦିଷ୍ଟ ଦଳର ନେତାଙ୍କ ପାଇଁ ମଦ ପିଇ ୧୧ ଜଣଙ୍କର ମୃତ୍ୟୁ ହେଲା ବୋଲି ସେତେବେଳେ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ଅଭିଯୋଗ କରି ଆନ୍ଦୋଳନ ଚଳାଇଥିଲେ । ଏହି ଆନ୍ଦୋଳନକୁ ସମର୍ଥନ କରି ଜିଲାସାରା ମଦ ବିରୋଧୀ ଆନ୍ଦୋଳନ କରି ଜିଲାସାରା ମଦ ବିରୋଧୀ ଆନ୍ଦୋଳନ ଚାଲିଲା । ଗାଁ ଗାଁରୁ ମହିଳାମାନେ ଆଗକୁ ଆସି ମଦ ବିରୋଧୀ ଆନ୍ଦୋଳନ ଚଳାଇଲେ । ଏବେବି ସେହିସବୁ ଗାଁର ମହିଳା, ଯୁବଗୋଷ୍ଠୀ ମଦ କାରବାର କି ମଦ ବେପାରୀଙ୍କୁ ଦେଖିଲେ ଠେଙ୍ଗା ବାଡି ଧରି ଗୋଡାଉଛନ୍ତି । ମାତ୍ର ସରକାରୀ କଳ ଏହି ମଦ ମୃତ୍ୟୁକୁ ଚାପିଦେଲେ । ୨୦୧୯ ର ଏହି ହୃଦୟ ବିଦାରକ ଦୃଶ୍ୟ ଆଜି ପର୍ଯ୍ୟନ୍ତ ଜିଲାବାସୀଙ୍କ ମନରୁ ଲିଭିନାହିଁ । ମଦ ମୃତ୍ୟୁରେ ଅନେକ ପରିବାର ବେସାହାରା ହୋଇଥିବାବେଳେ ଜିଲାରେ ଚୋରା ମଦ କାରବାର ଚରମ ସୀମାରେ ପହଂଚିଛି । ଜିଲା ତମାମ୍ ଚୋରା ମଦ କାରବାର ଚାଲିଥିବାବେଳେ ଅବକାରୀ ବିଭାଗ, କେନ୍ଦ୍ରୀୟ ଅବକାରୀ ଗୁଇନ୍ଦା ବିଭାଗ ଓ ଜିଲା ପୁଲିସ୍ ପକ୍ଷରୁ ଯେତେ ଟାର୍ଗେଟ୍ କରି ଚଢଉ କଲେ ମଧ୍ୟ ମଦ କାରବାର ବଢାଇ ଚାଲିଛନ୍ତି । ଜିଲାରେ ଏଭଳି ଚୋରା ମଦ ମାଫିଆଙ୍କ ସାମ୍ରାଜ୍ୟ ଛୁଇଁବାକୁ କେହି ସାହସ ଜୁଟାଇ ପାରୁନାହାଁନ୍ତି । କରୋନା କଟକଣା ଚୋରା ମଦ ବେପାରୀଙ୍କୁ ସୁହାଉଛି । କରୋନାରେ ରୋଜଗାର ହରାଇ ଏବେବି ଚୋରା ମଦ ପିଇ ବହୁ ପରିବାର ବେସାହାରା ହୋଇ ପଡିଛନ୍ତି । ପ୍ରତିଦିନ ପୁଲିସ୍ ଓ ଅବକାରୀ ବିଭାଗର ଚଢାଉ ଚାଲିଛି । ମାତ୍ର ଚୋରା ମଦ କାରବାର ବନ୍ଦ ହେଉନି । ପୁଲିସ୍ ହେଉକି ଅବକାରୀ ବିଭାଗ କେବଳ ଲୋକ ଦେଖାଣିଆ ଚୋରା ମଦ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ବର୍ଷ ତମାମ୍ କିଛି ମାମଲା ରୁଜୁ କରୁଛନ୍ତି । ଜିଲା ଅବକାରୀ ବିଭାଗର ତଥ୍ୟ ଅନୁସାରେ ଜିଲାରେ ୩୫ ଟି ଲାଇସେନସ୍ ପ୍ରାପ୍ତ ସରକାରୀ ବିଦେଶୀ ମଦ ଦୋକାନ ଖୋଲାଯାଇଥିବାବେଳେ ୨୦ ଟି ଲାଇସେନସ୍ ପ୍ରାପ୍ତ ଦେଶୀ ମଦ ଦୋକାନ ଖୋଲାଯାଇଛି । ଏହିସବୁ ଦୋକାନରେ ସରକାରଙ୍କ ନିୟମ ଅନୁଯାୟୀ ମଦ ବିକ୍ରି କରାଯାଉଛି । ଯେଉଁମାନେ ଚୋରାରେ ମଦ ବିକ୍ରି କରୁଛନ୍ତି, ସେଭଳି ଚୋରା ବେପାରୀଙ୍କୁ ଚଢାଉ କରାଯାଇ ଗିରଫ କରାଯାଉଛି ବୋଲି ଜିଲା ଅବକାରୀ ଇନ୍ସପେକ୍ଟର ପ୍ରକାଶ କରିଛନ୍ତି । ନୂତନ ଏସ୍‌ପି ଭାବେ ଚରଣ ସିଂ ମୀନା ଯୋଗ ଦେବା ପରେ ଗତ ୬ ମାସ ଧରି ସେ ଚୋରା ମଦ, ଗଂଜେଇ ଓ ବ୍ରାଉନସୁଗାର ବେପାରୀଙ୍କୁ ଟାର୍ଗେଟ୍ କରି ଚଢାଉ କରାଯାଉଛି । ଚଢଉରେ ବହୁ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗତ ଜାନୁଆରୀ ମାସରୁ ଜୁନ୍ ମାସ ମଧ୍ୟରେ ଜିଲାରେ ମୋଟ ୭୧୬ ଟି ଅବକାରୀ ମାମଲା ରୁଜୁ କରାଯାଇଛି । ଏହି ଚଢାଉ ବେଳେ ଚୋରା ମଦ ବେପାରୀଙ୍କ ଠାରୁ ୧୩୯୮୨.୩୬ ଲିଟର ଦେଶୀ ମଦ ଜବତ କରାଯାଇଥିବାବେଳେ ୧୩୩୪.୭୨ ବିଦେଶୀ ମଦ ଜବତ କରାଯାଇଛି । ଏହି ଚୋରା ମଦ କାରବାରରେ ମୋଟ ୭୨୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

### ବାଇକ ଚୋରୀକୁ ନେଇ ଥାନାରେ ମାମଲା

ବାରିପଦା: ଜୁଲାଇ ୫ ବାରିପଦା ସହରର ଭଞ୍ଜପୁର ଅଂଚଳରୁ ଏକ ବାଇକ ରୋରୀକୁ ନେଇ ବାରିପଦା ଟାଉନ ଥାନାରେ କେଶ ନମ୍ବର ୬୧୮/ ୨୦୨୧ରେ ଏକ ମାମଲା ରୁଜୁ କରାଯାଇ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି । ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ଆଜି ମଧ୍ୟାହ୍ନ ୨ଟା ସମୟରେ ସାମନ୍ତ ଶେଖର ପାଲ ଭଞ୍ଜପୁର ଓଭର ବ୍ରିଜ ନିକଟରେ ନିଜର ଓଡ଼ି ୧୧-୨୧୦୭ ନମ୍ବର ବିଶିଷ୍ଟ ବାକକୁ ରଖି ଇଣ୍ଟରନେଟକୁ ଯାଇ ବାହାରକୁ ଆସିବା ପରେ ବାଇକ ନ ଥିବାର ଦେଖିବାକୁ ପାଇଥିଲେ । ଏହାପରେ ବହୁ ଖୋଜାଖୋଜି କରିବା ବାଇକର କୌଣସି ସନ୍ଧାନ ନ ପାଇବାରୁ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିବାର ପୁଲିସ ସୂତ୍ରରୁ ଜଣାପଡ଼ିଛି ।

## ପୌରାଂଚଳର ବିକାଶ ପାଇଁ ଉଦ୍ୟମ ଜାରି ରହିଛି- ନିର୍ବାହୀ ଅଧିକାରୀ

କେନ୍ଦ୍ରାପଡା: ରାଜ୍ୟର ସର୍ବ ପୁରାତନ ପୌରସଂସ୍ଥା କେନ୍ଦ୍ରାପଡା ମୁନିସିପାଲିଟି ୧୫୨ ବର୍ଷ ପୂରଣ କରିସାରିଛି । ପ୍ରାୟ ୫୦ ହଜାର ଜନସଂଖ୍ୟା ବିଶିଷ୍ଟ ଏହି ପୌରାଂଚଳରେ ୨୧ଟି ୱାର୍ଡ ରହିଥିବା ବେଳେ ଏହାର ବହୁ ସମସ୍ୟା ଲାଗି ରହିଛି । ତେବେ ପ୍ରାୟ ୫ବର୍ଷ ମଧ୍ୟରେ କେତେକ ସମସ୍ୟା ସମାଧାନ କରାଯିବା ସହ ଏହାର ଆନୁସଙ୍ଗିକ ବିକାଶ ଧାରା ଅବ୍ୟାହତ ରହିଥିବା ଜଣାପଡିଛି । ପୌରାଂଚଳର ଗୋଟିଏ ପଟେ ଗୋବରୀ ନଦୀ, ସହର ମଧ୍ୟରେ ଗୋବରୀ କେନାଲ ଓ ଅନ୍ୟପଟେ ୫ନଂ-କ ଜାତୀୟ ରାଜପଥ ମଧ୍ୟବର୍ତୀ ଅଂଚଳ ପୌରାଂଚଳର ଜଳ ନିଷ୍କାସନ ସମସ୍ୟା, ରାସ୍ତାଘାଟ ସମସ୍ୟା ଓ ସହରର ସଂପ୍ରସାରଣ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଥିବା ବେଳେ ଏହି ସମସ୍ୟା ସମାଧାନରେ ଓ ନୂତନ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ବର୍ତମାନର ପୌର ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳଙ୍କ ଉଦ୍ୟମ ପ୍ରଶଂସନୀୟ ରହିଛି । ପାରମ୍ପରିକ ଜଳ ନିଷ୍କାସନ ପଥ ଗୁଡିକୁ ଜନ ସାଧାରଣ ଜବର ଦଖଲରେ ରଖିଥିବାରୁ ବର୍ଷାଋତୁ ରେ ଓ ଅନ୍ୟ ସମୟରେ ଉଦ୍‌ବୃତ ଜଳ ନିଷ୍କାସନ ସମସ୍ୟା ପୌରସଂସ୍ଥାର ମୁଣ୍ଡ ବ୍ୟଥାର କାରଣ ହୋଇଥାଏ । ଗୋବରୀ ନଦୀ ଠାରୁ ତଳୁଆ ଥିବା କେନ୍ଦ୍ରାପଡା ସହର ର ଅନେକ ୱାର୍ଡ ବର୍ଷାଦିନେ ଜଳବନ୍ଦୀ ହେବା ଏକ ମୁଖ୍ୟ ସମସ୍ୟା ସୃଷ୍ଟି କରିଛି । ତେବେ ଏଥିପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇ ଖୁବଶିଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଶ୍ରୀ ବଳ ସୂଚନା ଦେଇଛନ୍ତି । ଦୀର୍ଘ ମିଆଦି ସୂତ୍ରରେ ସମସ୍ୟା ସମାଧାନ ଉଦ୍ୟମ ଚାଲିଥିବା ବେଳେ ଗତ ୪ ବର୍ଷ ମଧ୍ୟରେ ସଂପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ମଧ୍ୟରେ ପୌରସଂସ୍ଥା ପରିଚାଳିତ କଲ୍ୟାଣ ମଣ୍ଡପ, ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ସଂଲଗ୍ନ ଉଦ୍ୟାନ, ତୁଳସୀ ଉଦ୍ୟାନ, ଟାଉନ ହଲ ନବୀକରଣ, ସ୍ୱଳ୍ପ ରହଣୀ ଆଶ୍ରୟସ୍ଥଳି, ତୁଳସୀ ମହିଳା ମହାବିଦ୍ୟାଳୟ ପାଖରେ ଥିବା ପ୍ରମୋଦ ଉଦ୍ୟାନ, ପ୍ରତି ୱାର୍ଡରେ ମହିଳା ମାନଙ୍କ ପଇଁ ମାଇକ୍ରୋ ଆକ୍ଟିଭିଟି ସେଣ୍ଟର ନିର୍ମାଣ କରାଯାଇଛି । ଏତଡିବିସି ରାସ୍ତା ଗୁଡିକ ସଂପୂର୍ଣ୍ଣ କରାଯାଇଛି । ଏହା ସହ ନିର୍ମାଣାଧିନ ପ୍ରକଳ୍ପ ଗୁଡିକ ମଧ୍ୟରେ କେନ୍ଦ୍ରାପଡା ହାଇସ୍କୁଲ ପଡିଆରେ ଜନ ସାଧାରଣଙ୍କ ବ୍ୟାୟାମ ଶାଳା, ହାଇସ୍କୁଲ ପଡିଆର ଉନ୍ନତିକରଣ, ସ୍ମାର୍ଟ ପାର୍କ ଓ ସ୍ମାର୍ଟ ଶ୍ମଶାନ, ଶ୍ମାଶାନ ପୋଖରୀ ଗୁଡିକ ନିର୍ମାଣାଧିନ ରହିଛି । ହେବାକୁ ଥିବା ପ୍ରକଳ୍ପ ଗୁଡିକ ମଧ୍ୟରେ ଇଣ୍ଡୋର ଷ୍ଟାଡିୟମ, ପୁରୁଣା ବସଷ୍ଟାଣ୍ଡର ଉନ୍ନତିକରଣ, ଜୁବୁଲି ପାଠାଗାର, ମହାଭୋଇ ପୋଖରୀର ସୌନ୍ଦର୍ଯ୍ୟ କରଣ , କର୍ମଚାରୀ ଗୃହ ନିର୍ମାଣ, ନୂତନ ବସଷ୍ଟାଣ୍ଡର ନବୀକରଣ, କମରିଆ ପୋଖରୀର ସୌନ୍ଦର୍ଯ୍ୟ କରଣ, ରଣପଡା କବରସ୍ଥାନର ଉନ୍ନତିକରଣ ସହ ଶ୍ମଶାନ ଗୁଡିକର ଉନ୍ନତିକରଣ କରାଯିବ ବୋଲି ଜଣାପଡିଛି । ଗତ ୪ ବର୍ଷ ମଧ୍ୟରେ ହୋଇଥିବା ଓ ହେବାକୁ ଥିବା ପ୍ରକଳ୍ପ ଗୁଡିକର ସୁବିଧା ସୁଯୋଗ ଜନ ସାଧାରଣ ନେଉଥିବା । ବେଳେ ମୁଖ୍ୟତଃ ରାସ୍ତାଘାଟ, ଡ୍ରେନଚ ସିଷ୍ଟମ ଓ ପରିମଳ ବ୍ୟବସ୍ଥାକୁ ସଜାଡିବା ନିର୍ବାହୀ ଅଧିକାରୀ ଶ୍ରୀ ବଳଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି ।

## ବୌଦ୍ଧ ଜିଲାରେ ବନ ମହୋତ୍ସବ ସପ୍ତାହରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ବୌଦ୍ଧ: ବୌଦ୍ଧ ଜିଲାରେ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବୌଦ୍ଧ ବନଖଣ୍ଡ ସହଯୋଗରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବ୍ୟାପକ ଭାବରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ବୌଦ୍ଧ ପଂଚାୟତ ମହାବିଦ୍ୟାଳୟଠାରେ ଯୁବ ରେଡକ୍ରସ ଓ ଇକୋ କ୍ଲବ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବୌଦ୍ଧ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ଯୋଗଦେଇ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଯୁବ ରେଡକ୍ରସର ସଂପାଦକ ତଥା ଅଧ୍ୟାପକ ପ୍ରବୀର କୁମାର ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ତଥା ଏନସିସି ଅଫିସର ଡଃ. ମହେନ୍ଦ୍ର ନାଥ ଦେବତା,ବରିଷ୍ଠ ଆଇନଜିବୀ ସୁଧିର କୁମାର କର୍ଣ୍ଣ ପ୍ରମୁଖ ଯୋଗଦେଇଥିଲେ । ଅତିଥିମାନେ ପୂର୍ବବର୍ଷ କଲେଜ ପରିସରରେ ବନ ବିଭାଗ ପକ୍ଷରୁ ସୃଷ୍ଟି କରାଯାଇଥିବା ଉଦ୍ୟାନ ବୁଲି ଦେଖିବା ସହିତ ପ୍ରଶଂସା କରିଥିଲେ । ପରେ ମାଉଳିସିଙ୍ଗା ଜେ.ବି.ହାଇସ୍କୁଲ ପରିସରରେ ଜିଲା ବନଖଣ୍ଡ ଓ ଜିଲା ଆଇନସେବା ପ୍ରାଧିକରଣର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲା ଦୌରାଜଜ ସୁଶ୍ରୀ ପ୍ରତିମା ପଣ୍ଡା ଯୋଗଦେଇ ବୃକ୍ଷ ରୋପଣ ସହ ପରିବେଶ ସୁରକ୍ଷାର ବାର୍ତା ପ୍ରଦାନ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲା ଦୌରାଜଜ ସତ୍ୟନାରାୟଣ ଷଡଙ୍ଗୀ,ରେଜିଷ୍ଟାର ପ୍ରିତୀଶ କୁମାର ରାଉତରାୟ,ବରିଷ୍ଠ ଦେବାନୀ ବିଚାରପତି ଦୁର୍ବାଶା ଦୁର୍ଗା, ଆଇନ ସେବା ପ୍ରାଧିକରଣ ସଚିବ ଚରଣଜିତ ଓରାମ,ଏସଡିଜେଏମ ସୁମିତ୍ରା ସାହୁ, ଜେଏମଏଫସି ସୁନୀତା ବିଶ୍ୱାଳ ଓ ବୌଦ୍ଧ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ପ୍ରମୁଖ ଯୋଗଦେଇଥିଲେ । ସେହିପରି ବୌଦ୍ଧ ମହିଳା ମହାବିଦ୍ୟାଳୟ ପରିସରରେ ମଧ୍ୟ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ବୌଦ୍ଧ ଏନଏସି ଛକଠାରେ ଏକ ଚାରା ବିତରଣ କେନ୍ଦ୍ରକୁ ବନଖଣ୍ଡ ଅଧିକାରୀ ଶ୍ରୀସେଠୀ ଉଦଘାଟନ କରିଥିଲେ । ଲୋକମାନଙ୍କୁ ଏଠାରେ ୧ ଟଙ୍କା ମୂଲ୍ୟରେ ଚାରା ବିତରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବନଖଣ୍ଡ ସହକାରୀ ବନସଂରକ୍ଷକ ରାଜେନ୍ଦ୍ର ଗୋଛାୟତ, ବୌଦ୍ଧ ରେଂଜ ଅଧିକାରୀ ପ୍ରଦୀପ କୁମାର ବେହେରା ପ୍ରମୁଖ ପରିଚାଳନା କରିଥିଲେ ଏବଂ ବନ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ଜିଲ୍ଲାପାଳଙ୍କ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ,ବିସ୍ଥାପିତ ସହାୟତା ସମିତିର ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାପାଳ ସ୍ୱାଧାଦେବ ସିଂ ଖଡିଆଳ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପକୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରି ଫେରି ଯାଇଛନ୍ତି । ସେ ଡ୍ୟାମକୁ ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀ ମାନଙ୍କ ସହ ବୈଠକ କରିଥିଲେ । ଏହି ଅବସରରେ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ୧୪ ଦଫା ଦାବୀପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ଦାବୀପତ୍ରକୁ ଗ୍ରହଣ କରି ଦାବୀ ସବୁର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ । ଦାବୀପତ୍ରରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ୮ ଗୋଟି ବୁଡି ଗ୍ରାମର ପ୍ରାୟ ୨୫୦୦ ବିସ୍ଥାପିତ ପରିବାରଙ୍କୁ ପ୍ରଶାସନିକସ୍ତରରେ ବିଚାରାଧିନଥିବା ସହାୟତା ରାଶିଙ୍କୁ ତୁରନ୍ତ ପ୍ରଦାନ କରାଯିବା, ଜମିର କ୍ଷତିପୂରଣ ପ୍ରଦାନ ବିରୋଧରେ ଜିଲା ଦୌରାଜଜ ନିମ୍ନ ଅଦାଲତରେ ଫଇସଲା ସରି ନିଷ୍ପି ହୋଇ ସାରିଥିବା ଜମିର କ୍ଷତିପୂରଣ ରାଶି ତୁରନ୍ତ ପ୍ରଦାନ କରିବା, ବିସ୍ଥାପିତ ଥଇଥାନ ସହାୟତା ରାଶି ନିର୍ଦ୍ଧାରିତ ଶେଷ ସମୟ ସୀମା ପର୍ଯ୍ୟନ୍ତ ଯୋଗ୍ୟ ବିବେଚିତ ସମସ୍ତ ବିସ୍ଥାପିତଙ୍କୁ ଥଇଥାନ ରାଶି ପ୍ରଦାନ କରିବା, ସମ୍ପୂର୍ଣ୍ଣ ବୁଡିଗ୍ରାମରେ ଭୂମିହୀନ ପ୍ରଜାଙ୍କୁ ୧୯୯୪ ଥଇଥାନ ନୀତି ଅନୁଯାୟୀ ଥଇଥାନ ରାଶି ପାଇଥିବା ବେଳେ ବ ମାନ ସେମାନଙ୍କ ଯୋଗ୍ୟ ପୁଅଝିଅ ମାନଙ୍କୁ ଥଇଥାନ ନୀତି ୨୦୦୬ ଅନୁଯାୟୀ ବିସ୍ଥାପିତ ରାଶି ପ୍ରଦାନ, ବିସ୍ଥାପିତ ହୋଇଥିବା ପରିବାରଙ୍କ ବକେୟା ଥିବା ଥଇଥାନ ରାଶି ନୂତନ ବସତିରେ କିଣିଥିବା ଜମି, ଘରଡିହର ରେଜିଷ୍ଟ୍ରେସନ ଫିଜ, ରକ୍ଷଣାବେକ୍ଷଣ, ପରିବହନ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ଭ । ପ୍ରଦାନ, ପ୍ରତ୍ୟେକ ବିସ୍ଥାପିତଙ୍କୁ ବିସ୍ଥାପିତ ପରିଚୟ ପତ୍ର ପ୍ରଦାନ, ଅଧିଗୃହିତ ହୋଇଥିବା ଜମି ଉପରେ ରହିଥିବା ହିତାଧିକାରୀଙ୍କୁ ଚିରସ୍ଥାୟୀ ଭାବରେ ରହିବା ବ୍ୟବସ୍ଥା, ପ୍ରକଳ୍ପର ଥଇଥାନ ସହାୟତା ରାଶି ପାଇଁ ଯୋଗ୍ୟ ହିତାଧିକାରୀଙ୍କ ଚୟନ ପାଇଁ ନିର୍ଦ୍ଧାରିତ ଶେଷ ସମୟ ସୀମା ତାରିଖ ୦୧/ ୦୨/୨୦୧୪ କଟ ଅଫ ଡେଟ ପରିବର୍ତେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଦିନକୁ ଶେଷ ସମୟ ସୀମା ଭାବରେ ଗ୍ରହଣ କରିବା, ବୁଡିଗ୍ରାମର ପ୍ରଜାଙ୍କୁ ଡିପି ଆକାରରେ ପାଉଣା ପ୍ରଦାନ, ବିସ୍ଥାପିତ ଯୁବକ ଯୁବତୀଙ୍କୁ କର୍ମସଂସ୍ଥାନ ଓ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ପ୍ରଦାନ, ବିଭାଗୀୟ ଅବହେଳା କାରଣରୁ ୩୦ ଜଣରୁ ଅଧିକ ବିସ୍ଥାପିତ ୨୦୧୦ ମସିହାରେ ମଞ୍ଜୁର ହୋଇଥିବା ରାଶି ୨୦୧୫/୧୬ ରେ ପ୍ରଦାନ କରାଗଲା, ଯାହାକି ୨୦୧୪ କଟଅଫ ଡେଟ ମୁତାବକ ବକେୟା ରାଶି ପ୍ରଦାନ, ୧୮ ବର୍ଷରୁ ଅଧିକ ବର୍ଷର ପୁଅଝିଅ ମାନଙ୍କୁ ଥଇଥାନ ରାଶି ମିଳିବା ସକାଶେ ଆବେଦନ କରିବାକୁ କୁହାଯାଇଥିଲା କିନ୍ତୁ କିଛି ହିତାଧିକାରୀଙ୍କ ତାଲିକା ମଞ୍ଜୁର ପାଇଁ ସରକାରଙ୍କୁ ପଠାଯାଇଥିବା ବେଳେ କେତେକଙ୍କ ଆଜି ପର୍ଯ୍ୟନ୍ତ ପଠାଯାଇନଥିବା, ଜଳସମ୍ପଦ ବିଭାଗର ପତ୍ର ମୁତାବକ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ସକାଶେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଦେଇଥିବା ଲିଖିତ ପ୍ରତିଶୃତି ୭ ବର୍ଷ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ, ଏଣୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଭଳି ଯଥା ପ୍ରମୁଖ ଦାବୀ ରହିଛି । ଏହି ଦାବୀପତ୍ର ପ୍ରଦାନ ବେଳେ ବିସ୍ଥାପିତ ସହାୟତା ସମିତିର ସଭାପତି ନିତ୍ୟାନନ୍ଦ ପ୍ରଧାନ ଏବଂ ସମ୍ପାଦକ ଗୋପିନାଥ ଗଉଡ ଉପସ୍ଥିତ ଥିଲେ ।

### କରୋନା ମହାମାରୀ ବିରୁଦ୍ଧରେ ଲଢେଇ ପାଇଁ ଶପଥ ନେଲେ ପୂର୍ବତଟ ରେଳପଥ କର୍ମଚାରୀ

ଭୁବନେଶ୍ୱର, (ପିଏନ)- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରାରମ୍ଭ କରାଯାଇଥିବା ଜନ ଆନ୍ଦୋଳନ ଅଭିଯାନରେ କରୋନା ବିରୁଦ୍ଧ ଲଢେଇ କୁ ସମ୍ମାନ ଦେଇ ପୂର୍ବ ତଟ ରେଳପଥ ଏହି ଜନ ଆନ୍ଦୋଳନର ମୁଖ୍ୟ ବୈଶିଷ୍ଟ୍ୟ ଅନୁସରଣ ଯଥା ମାସ୍କ ପିନ୍ଧିବା, ବାରମ୍ବାର ହାତ ଧୋଇବା, ସାମାଜିକ ଦୂରତା ଅନୁସରଣ କରିବା ଏବଂ ଦୁଇ ଗଜ ଦୂରତା ରଖିବାର ଅଭ୍ୟାସ ଜାରିରଖିବାକୁ ଏହାର କର୍ମଚାରୀ, ରେଳ ବ୍ୟବହାରକାରୀ ଏବଂ ଯାତ୍ରୀମାନଙ୍କୁ ନିବେଦନ କରିଛି । ଏହି ଜନ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣ ଭିଡିଓ କନଫେରେନସିଙ୍ଗ ମାଧ୍ୟମରେ ରେଳପଥର କର୍ମଚାରୀମାନଙ୍କୁ ସର୍ବଦା ସଜାଗ ରହିବାକୁ ଏବଂ କୋଭିଡ୍-୧୯ ରୁ ନିଜେ ତଥା ସେମାନଙ୍କ ସହକର୍ମୀଙ୍କ ପ୍ରତି ବିପଦ ନରଖିବାକୁ ଶପଥ ପାଠ କରାଇବା ସହ ସମସ୍ତ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ପ୍ରତିଜ୍ଞା କରାଇଥିଲେ । ଉପଯୁକ୍ତ କୋଭିଡି ଆଚରଣ ଅନୁସରଣ କରିବାକୁ ଅନ୍ୟମାନଙ୍କୁ ପ୍ରେରଣା ଏବଂ ଉତ୍ସାହିତ କରିବାକୁ ପ୍ରତିଜ୍ଞା କରାଇଥିଲେ । କର୍ମଚାରୀମାନେ ବିଶେଷ କରି ସର୍ବସାଧାରଣ ସ୍ଥାନରେ ସର୍ବଦା ମାସ୍କ ପିନ୍ଧିବାକୁ, ଅନ୍ୟମାନଙ୍କଠାରୁ ସର୍ବନିମ୍ନ ଦୂରତା ରଖିବାକୁ, ବାରମ୍ବାର ସାବୁନ୍ ଏବଂ ପାଣିରେ ହାତ ଧୋଇବାକୁ ଏବଂ କୋଭିଡ୍୧୯ ବିରୁଦ୍ଧରେ ଲଢେଇ କରିବାକୁ ଶପଥ ନେଇଛନ୍ତି ।

ଭିଡିଓ କନଫେରେନସିଙ୍ଗ ମାଧ୍ୟମରେ କରୋନା ମହାମାରୀ ବିରୁଦ୍ଧରେ ଲଢେଇ ପାଇଁ ଶପଥ ପାଠ ଉତ୍ସବରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ସୁଧୀର କୁମାର, ସମସ୍ତ ପ୍ରମୁଖ ବିଭାଗୀୟ ଅଧିକାରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମାନଙ୍କ ସହ କର୍ମଚାରୀମାନେ ମଧ୍ୟ ସାମାଜିକ ଦୂରତା ରଖି ଶପଥ ପାଠ ଉତ୍ସବ ରେ ଭାଗ ନେଇଥିଲେ ।

## ଫିରିଙ୍ଗିଆ ଥାନା କେଲାପଡା ଅଂଚଳରେ ଗୋଷ୍ଠୀ ସଂଘର୍ଷ ୯ ଗିରଫ

କନ୍ଧମାଳ : କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କେଲପଡା ଅଂଚଳରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଉଭୟ ପକ୍ଷରୁ ୯ ଜଣ ବ୍ୟକ୍ତି ପୋଲିସ ଦ୍ୱାରା ଗିରଫ ହୋଇ ଜେଲଜିବା ଘଟଣା ଏବେ ସାରା ଫିରିଙ୍ଗିଆ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଶୁଚନା ଅନୁସାରେ ଫିରିଙ୍ଗିଆ ବ୍ଲକ କେଲାପଡା ଗାଁ ର ଟୁକୁନା ଦିଗାଳ ଓ ଆନନ୍ଦେଶ୍ୱର ଦିଗାଳ ନାମକ ଦୁଇଜଣ ବ୍ୟକ୍ତି ଗତ ବର୍ଷେତଳେ ଚୋରା ଗଞ୍ଜେଇ ଚାଲାଣ କରୁଥିବା ବେଳେ କନ୍ଧମାଳ ଜିଲ୍ଲା ରାଇକିଆ ପୋଲିସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ । ଏହି ଘଟଣାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ କନ୍ଦଳ ଲାଗି ରହିଥିଲା । ତବେ ଉଭୟ ଗୋଷ୍ଠୀ ମଧ୍ୟରେ ଦିର୍ଘଦିନ ଧରି କୁହୁଳୁ ଥିବା ଅସନ୍ତୋଷ ଶୁକ୍ରବାର ଦିନ ଉଗ୍ରରୁପ ନେଇଥିଲା । ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇ ଉଭୟ ଗୋଷ୍ଠୀର ପ୍ରାୟ ସମସ୍ତେ ଆହତ ହୋଇଥିଲେ । ଏହିଘଟଣାକୁ ନେଇ ଉଭୟ ଗୋଷ୍ଠୀ ପକ୍ଷରୁ ଫିରିଙ୍ଗିଆ ଥାନାରେ ମାମାଲା ରୁଜୁ ହୋଇଥିଲା । ଏତଲାକୁ ଅଧାର କରି ଫିରିଙ୍ଗିଆ ଥାନା ଅଧିକାରୀ ପି ଶ୍ୟାମ ସୁନ୍ଦର ରାଓଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ପୋଲିସ ଉଭୟ ଗୋଷ୍ଠୀର ୯ ଜଣଙ୍କୁ ଗିରଫ କରିଥିଲା ପୋଲିସ । ତେବେ ଗିରଫ ହୋଇଥିବା ୯ ଜଣ ଅଭିଯୁକ୍ତ ମାନଙ୍କ ମଧ୍ୟରେ ଫିରିଙ୍ଗିଆ ଥାନା ଗଞ୍ଜୁପାଙ୍ଗା ଗାଁର ଭ୍ରମର ଦିଗାଳ , ବେଲାରସେନ ଦିଗାଳ ,ପ୍ରତାପ ଦିଗାଳ ବାଳକୃଷ୍ଣ ଦିଗାଳ ବୋଲି ଜଣାପଡିଥିବା ବେଳେ ଅନ୍ୟମାନେ କେଲାପଡା ଗାଁର ଟୁକୁନା ଦିଗାଳ ,ଆନନ୍ଦେଶ୍ୱର ନାଏକ, ଅଶ୍ୱିଜିତ ନାଏକ ,ରାକେଶ ପ୍ରଧାନ ଓ ଆମ୍ବେଦକର ବାଗ ବୋଲି ଜଣାପଡିଛି ।

## କେନ୍ଦୁଝର ଜିଲ୍ଲାରେ ବଣୁଆ ହାତୀଙ୍କର ଉପଦ୍ରବ:ସୁରକ୍ଷା ଦେବାରେ ବନ ବିଭାଗ ବିଫଳ

କେନ୍ଦୁଝର :କେନ୍ଦୁଝର ଜିଲ୍ଲାର ବିଭିନ୍ନାଂଚଳରେ ବଣୁଆ ହାତୀଙ୍କ ଉପଦ୍ରବ ଥମିବାର ନାମ ନେଉ ନଥିବା ଲକ୍ଷ୍ୟ କରାଯାଉଛି । ଇତି ମଧ୍ୟରେ ତେଲକୋଇ ଅଂଚଳରେ ବଣୁଆ ହାତୀପଲ ଗ୍ରାମବାସୀଙ୍କ ନିଦ ଛଡାଇ ନେବା ସହ ସେମାନଙ୍କର ଧନ ଜୀବନକୁ ଅସୁରକ୍ଷିତ କରି ପକାଇଅଛି । ତେଲକୋଇ ବନାଚଂଳ ଅଧିନସ୍ଥ ବିମଳା ଫରେଷ୍ଟ ବିଟ ଅଂଚଳରେ ଗତ କିଛି ଦିନ ହେବ ଜାରି ରହିଥିବା ହାତୀ ଉପଦ୍ରବ ଥମିବାର ନାମ ନେଉନାହଁ । ପ୍ରତ୍ୟେକ ଦିନ କୌଣସି ନା କୋଣି ଗ୍ରାମରେ ହାତୀ ଉପଦ୍ରବ୍ୟ ଲାଗି ରହିଛି । ଗତ କାଲି ତଥା ରବିବାର ବିଳମ୍ବିତ ରାତ୍ରୀରେ ବିମଳା ପଂଚାୟତର ବଳଭଦ୍ର ପୁର ଗ୍ରାମରେ ପଶି ହାତୀପଲ ସନାତନ ମହାନ୍ତଙ୍କ ଘର ଭାଙ୍ଗିବା ସହ ଧାନ ଫସଲ ଖାଇବା ସହ ଦଳି ମକଚି ନଷ୍ଟ କରି ପକାଇଛନ୍ତି । ସନାତନ ହାତୀପଲଙ୍କୁ ଦେଖି ସ୍ତ୍ରୀ ଓ ଦୁଇ ଛୋଟ ପିଲାଙ୍କୁ ଧରି ଘରୁ ବାହାରି ଯାଇ ଗାଁ ଲୋକଙ୍କୁ ଡାକ ପକାଇଥିଲେ ।

## ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କ ଦ୍ୱାରା ଖୋଲାଖୋଲି କଟକଣା ଉଲଙ୍ଘନକୁ ନେଇ ବିଜେପିର ଦାବିପତ୍ର ପ୍ରଦାନ

ଭଦ୍ରକ : ଭଦ୍ରକ ଜିଲ୍ଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ବିଧାୟକ ବ୍ୟୋମକେଶ ରାୟଙ୍କ ବିବାହ ଭିଡ଼ିଓ ଭାଇରାଲ ପରେ ରାଜ୍ୟ ବିଜେଜି ମୁଖ୍ୟ କୌଣସି ପଦକ୍ଷେପ ନ ନେବାକୁ ନେଇ ବିଜେପି ପ୍ରତିବାଦ କରିବା ସହ ଜିଲ୍ଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଛି । ଚାନ୍ଦବାଲି ବିଧାୟକ ଜଣେ ସରକାରୀ ଆଇନ ଓ ନିୟମାବଳୀ ଉପରେ ଜ୍ଞାନ ଥିବା ମଣିଷ ଭାବି ବାରମ୍ବାର ସରକାର ଓ ପ୍ରଶାସନକୁ ଖୋଲାଖୋଲି ଚ୍ୟାଲେଞ୍ଜ କରୁଛନ୍ତି । ଚଳିତ ମାସ ୨ ତାରିଖ ଦିନ ଶ୍ରୀ ରାୟ ବିବାହ କଲେ । ପୁରୀ ଜିଲ୍ଲା ଚିଲିକା ଅଂଚଳର ଏକ ତାରକା ହୋଟେଲରେ ବିଧାୟକଙ୍କ ଦ୍ୱାରା ବିବାହ ଉତ୍ସବ ମହାଆଡମ୍ବରପୂର୍ଣ୍ଣ ଭାବେ ଆୟୋଜିତ କରାଯାଇଥିଲା । ଉକ୍ତ ବିବାହ ଉତ୍ସବରେ ବିଧାୟକ ନିଜର ଶହ ଶହ ସମର୍ଥକଙ୍କ ସହିତ ମିଶି ମୁହଁରେ ମାସ୍କ ନଦେଇ, ସାମାଜିକ ଦୂରତା ନରଖି ଆଧୁନିକ ସଙ୍ଗୀତ ବଜାଇ ନାଚୁଥିବାର ଭିଡିଓ ଜନସାଧାରଣଙ୍କୁ ଚକିତ କରିଛି । କରୋନାର ଭୟାବହତାକୁ ନେଇ ପ୍ରଶାସନ ଜାରି କରୁଥିବା ବିଭିନ୍ନ କଟକଣାକୁ ସାଧାରଣ ଲୋକେ ପାଳନ କରୁଥିବା ସ୍ଥଳେ ବିଧାୟକ ନିଜ ବିବାହ କାର୍ଯ୍ୟକ୍ରମରେ ଏହାର ଖୋଲାଖୋଲି ଉଲଙ୍ଘନ କରୁଛନ୍ତି । ଜଣେ ଜନ ପ୍ରତିନିଧି ଭାବେ ନିଜର ନୈତିକ ଦାୟିତ୍ୱ ଓ କର୍ତବ୍ୟକୁ ଭୁଲି ମଉଜ କରିବାରେ ବ୍ୟସ୍ତ ରହିବା କେତେଦୂର ସମୀଚିନ ବୋଲି ବିଜେପି ପ୍ରଶ୍ନ ଉଠାଇଛି । କରୋନା ନିୟମ ନ ମାନିବା କାରଣରୁ ସରକାର, ପ୍ରଶାସନ, ଅନେକ ପ୍ରଶାସନିକ ଅଧିକାରୀ, ଜନ ପ୍ରତିନିଧିଙ୍କୁ ନିଲମ୍ବନ କରିବା ସହ ଜୋରିମାନା ଆଦାୟ କରିବାର ନଜିର ଅଛି । ଶ୍ରୀ ରାୟଙ୍କ କ୍ଷେତ୍ରରେ ଏତେ ବିଳମ୍ବ କହିଁକି ବୋଲି ପ୍ରଶ୍ନ କରାଯାଇଛି । କାହା ଚାପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ବିଧାୟକ ସରକାରୀ ଦଳର ବିଭିନ୍ନ ସାଙ୍ଗଠନିକ ଉଚ୍ଚ ଦାୟିତ୍ୱରେ ରହିବା ଯୋଗୁଁ ତାଙ୍କ କ୍ଷେତ୍ରରେ ଆଇନ କାର୍ଯ୍ୟକାରୀ ହେଉନାହିଁ । ଯାହାକୁ ନେଇ ସମଗ୍ର ରାଜ୍ୟରେ ଜନ ଅସନ୍ତୋଷ ସୃଷ୍ଟି ହୋଇଛି । ତୁରନ୍ତ କେନ୍ଦ୍ର ସରାକର ଏହା ଉପରେ ହସ୍ତକ୍ଷେପ କରନ୍ତୁ ଦାବି କରି ବିଜେପି ଜିଲ୍ଲା ସଭାପତି ହେମନ୍ତ ପାଢୀଙ୍କ ନେତୃତ୍ୱରେ ବିଜେପିର ଏକ ପ୍ରତିନିଧି ଦଳ ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ରଙ୍କ ମାଧ୍ୟମରେ ପ୍ରଦାନ କରିଛନ୍ତି ।

### ଖଡିଆଳ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଗୁଳିକାଣ୍ଡ

ନୂଆପଡା,(ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଏକ ଗୁଳିକାଣ୍ଡ ହୋଇଥିବା ସୂଚନା ମିଳିଛି । ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗର ୧୯ ଗୋଟି ଠିକା କାମକୁ ନେଇ ଏହି ଗୁଳିକାଣ୍ଡ ଘଟିଥିବା ବେଳେ ଜଣେ ଠିକାଦାର ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ଶୁକ୍ରବାର ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଠିକା କାମ ନେଇ ଟେଣ୍ଡର ଜଣାପଡିବା ପରେ ଠିକାଦାର ମାନେ ବିଭାଗୀୟ କାର୍ଯ୍ୟାଳୟକୁ ଯାଇ କିଏ କିଏ କାମ ପାଇଛି ବୋଲି ଦେଖୁଥିଲେ । ଏଥିରେ କଣ୍ଟାବାଞ୍ଜି ଏବଂ ଖଡିଆଳର ଠିକାଦାର ମାନେ ଥିଲେ । ହେଲେ ସେଠାରେ କିଛି ଠିକାଦାର ମାନଙ୍କ ମଧ୍ୟରେ ବଚସା ହୋଇଥିଲା । ହେଲେ ୨ ଗୋଟି ବନ୍ଧୁକ ନେଇ ଆସିଥିବା କଣ୍ଟାବାଞ୍ଜିର ଠିକାଦାର ଜଣକ ଅଫିସ ବାହାରକୁ ଆସି ଗୁଳି କରିଥିଲେ । ଏହି ଗୁଳି ଖଡିଆଳର ଠିକାଦାର ପବନ କୁମାର ଅଗ୍ରୱାଲଙ୍କ ବାମ ହାତକୁ ଛୁଇଁ ଚାଲି ଯାଇଥିଲା । ଯାହାଫଳରେ ପବନ କୁମାର ଅଗ୍ରୱାଲଙ୍କ ବାମ ହାତରେ ଅଳ୍ପ କ୍ଷତ ହୋଇଥିବା ବେଳେ ସେ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି । ଏନେଇ ପବନ କୁମାର ଅଗ୍ରୱାଲଙ୍କ ଅଭିଯୋଗ କ୍ରମେ ପୁଲିସ ୨୫୧/୨୦୨୦ ରେ ଏକ ମାମଲା ରୁଜୁ କରି କଣ୍ଟାବାଞ୍ଜିର ୩ ଜଣ ଠିକାଦାର ଗିରିଦାସ ସିଂ ମାଝୀ ଓ ତାଙ୍କ ଭାଇ ଶୋଭାରାଜ ସିଂମାଝୀଙ୍କ ସହ ଡ୍ରାଇଭର ଚୈତନ୍ୟ ମାଝୀଙ୍କୁ ଅଟକ ରଖିଛନ୍ତି । ଏହାସହ ୨ ଗୋଟି ବନ୍ଧୁକ ସହ ଇନୋଭା ଗାଡିକୁ ଜବତ କରିଥିବା ବେଳେ ପୁଲିସ ଘଟଣାର ତଦନ୍ତ ଚଳାଇଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

## ବିଭିନ୍ନ ଶିକ୍ଷାନୁଷ୍ଠାନ ଠାରେ ବନ ମହୋତ୍ସବ ପାଳିତ

ନୂଆପଡା : ନୂଆପଡା ଜିଲ୍ଲା ଖଡିଆଳ ଅ ଳର ବିଭିନ୍ନ ଶିକ୍ଷାନୁଷ୍ଠାନ ଠାରେ ବନ ମହୋତ୍ସବ ସୋମବାର ପାଳିତ ହୋଇଯାଇଛି । ଖଡିଆଳ ସହରର ଦମାପଲା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ବନ ମହୋତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ସବିତା ପ୍ରଧାନଙ୍କ ନେତୃତ୍ୱରେ ଚାରା ରୋପଣ କରାଯାଇଥିଲେ । ଏହି ଅବସରରେ ଅନୁଷ୍ଠିତ ବନ ମହୋତ୍ସବରେ ଅତିଥି ଭାବରେ ଅଧ୍ୟାପକ ପ୍ରମୋଦ ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ଦଣ୍ଡସେନା ଯୋଗଦାନ କରିଥିଲେ । ଶିକ୍ଷୟିତ୍ରୀ ସ୍ୱୟଂପ୍ରଭା ଦେଇ, ସପୁର ଦଣ୍ଡସେନା ଥିଲେ । ଏହି ଅବସରରେ ଆମ୍ବ, ଛୁଇଁ, ପିଜୁଳୀ, ଅମୃତଭଣ୍ଡା, ଗୋଲାପ, ଲେମ୍ବୁ, ମନ୍ଦାର ପ୍ରଭୃତି ଚାରା ରୋପଣ କରାଯାଇଥିଲା । ସେହିପରି ଖଡିଆଳ ଯୁକ୍ତ ୨ ମହିଳା ମହାବିଦ୍ୟାଳୟ ପରିସର ମଧ୍ୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି । ଏଥିରେ ଆ ଳୀତ ନିର୍ଦ୍ଦେଶକ ବ୍ରହ୍ମପୁରରୁ ସୁଶାନ୍ତ ଦାଶ ପରିଦର୍ଶନ କରିଥିଲେ । କଲେଜ ଅଧ୍ୟକ୍ଷା ସସ୍ମିତାପ୍ରଭା ସାମଲ, ଅଧ୍ୟାପିକା ଚେତନା ନାଏକ, କଳ୍ପଶ୍ରୀ ଆଚାର୍ଯ୍ୟ, ମମତା ସାହୁ, ଇପ୍ସିତା ହୋତା, ପିଇଟି ସୁଜିତ କୁମାର ପାତ୍ର, କିରାଣୀ ପନଙ୍ଗସିଂହ ନିନା, ଲିଲି ସାହୁ, ଚକ୍ରଧର ଭୋଇ ପ୍ରମୁଖ ଯୋଗଦାନ କରି ବିଭିନ୍ନ ପ୍ରକାରର ଚାରା ରୋପଣ କରି ବନ ମହୋତ୍ସବ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ । ଠିକ ସେହିପରି ଖଡିଆଳ ଡିଗ୍ରୀ ମହିଳା କଲେଜ ଠାରେ ବନ ମହୋତ୍ସବ ପାଳିତ ହୋଇଅଛି । ଏହି ମହୋତ୍ସବରେ କଲେଜ ପରିଚାଳନା ଅଧ୍ୟକ୍ଷ ଫଣିନ୍ଦମ ଦେଓ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ । କଲେଜର ଅଧ୍ୟକ୍ଷା ଲିଜା ଆଚାର୍ଯ୍ୟ, ବନାଳ ଅଧିକାରୀ ମନୋଜ କୁମାର ମାଝୀ, ଅଜିତ ପଣ୍ଡା, ବିନୋଦ ବିହାରୀ ପାଢୀ, ତପନ ଦାଶ, ସାଏରା ଖାନ, ପ୍ରିୟଙ୍କା ମୁଣ୍ଡ, ପଙ୍କଜିନୀ ବିଶି, ଅର୍ପିତା ପଣ୍ଡା, ମହାଶ୍ୱେତା ପଣ୍ଡା, ପୁଷ୍ପାଞ୍ଜଳୀ ପ୍ରଧାନୀ, ଦେଓ କୁମାର ସତନାମୀ ପ୍ରମୁଖ ଯୋଗଦାନ କରି ବିଭିନ୍ନ ଚାରା ରୋପଣ କରି ତାର ଯତ୍ନ ନେବାକୁ ସଙ୍କଳ୍ପ ନେଇଥିଲେ ।

## କେନ୍ଦୁଝର ଜିଲ୍ଲା ସଦର ମହକୁମା ଚିକିତ୍ସାଳୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

କେନ୍ଦୁଝର(ପିଏନ)-ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ କେନ୍ଦୁଝର ଜିଲ୍ଲା ସଦର ମହକୁମାଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସ୍ୱାସ୍ଥ୍ୟ ସଚେତନତା ରଥକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅଶୋକ କୁମାର ଦାଶ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ଏହି ରଥ ଜିଲ୍ଲାର ସମସ୍ତ ୧୩ ଗୋଟି ବ୍ଲକ୍‌କୁ ୭ ଦିନ ମଧ୍ୟରେ ପରିକ୍ରମା କରି ସଚେତନତା କରିବ । ଏଥି ସହିତ ଜିଲ୍ଲା ସଦର ମହକୁମା ଚିକିତ୍ସାଳୟଠାରେ ଜନ ସଚେତନତା ଉଦ୍ଦେଶ୍ୟରେ ଏକ ମାନସିକ ସଚେତନତା ହୋଡିଙ୍ଗ୍‌କୁ ମଧ୍ୟ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବରେ ଡି.ପି.ଏମ୍. ଦିଲ୍ଲିପ କୁମାର ଦୁବେ, ମାନସିକ ରୋଗ ଚିକିତ୍ସା ଅଧିକାରୀ



ଡାଃ ନିହାର ରଂଜନ ରଥ ଓ ଡାଃ ସୁଶାନ୍ତ ମାଝୀ, ଡି.ପି.ଏଚ୍.ସି.ଓ. ପିତବାସ ମିଶ୍ର, ଏଡିପିଏଚ୍‌ସିଓ ଶ୍ରୀକାନ୍ତ ସେଠୀ, ଏସ୍.ଏ. ନୃସିଂହ ନାରାୟଣ ନନ୍ଦ, ଏସ୍.ଡବ୍ଲ୍ୟୁ. ବିକାଶ ମହାନ୍ତ ଓ ଗୋଷ୍ଠୀ ସେବିକା ଜୟନ୍ତି ଦାଶ, ସରୋଜ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

ଖେଳ
ପର୍ଯ୍ୟବେକ୍ଷକ
PARYABEKHYAK
पर्यवेक्षक







# ରିଲାଏନସ ନିପନ ଲାଇଫ ଇନସ୍ୟୁରାନସ ପକ୍ଷରୁ ଆର୍ଥିକ ବର୍ଷ ୨୧ ପାଇଁ ୩୦୬.୮୮ କୋଟି ଟଙ୍କାର ବୋନସ ଘୋଷଣା

ଭୁବନେଶ୍ୱର : ରିଲାଏନସ ନିପନ ଲାଇଫ ଇନସ୍ୟୁରାନ କଂପାନି ଲିମିଟେଡ, ଜାପାନର ରିଲାଏନସ କ୍ୟାପିଟାଲ ଓ ନିପନ ଲାଇଫ ଇନସ୍ୟୁରାନସ ମଧ୍ୟରେ ଏକ ଯୁଗ୍ମ ଉଦ୍ୟୋଗ। ଆଥିକ ବର୍ଷ ୨୧ ପାଇଁ ଏହାର ଅଂଶଗ୍ରହଣକାରୀ ପଲିସିଧାରୀଙ୍କ ନିମନ୍ତେ ୩୦୬.୮୮ କୋଟି ଟଙ୍କାର ବୋନସ ଘୋଷଣା କରିଛି। ଏହି ବୋନସ ହେଉଛି ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହୋଇଥିବା ବର୍ଷ ଲାଗି କଂପାନିର ଦୃଢ ଆର୍ଥିକ ସ୍ଥିତିର ଏକ ନମୁନା ଯେଉଁଥିରେ କଂପାନି ଟିକସ ପରେ ଟ. ୫୦ କୋଟି ଲାଭ ହାସଲ କରିଛି। ଏହି ଘୋଷଣା ଅନୁସାରେ ୩୧ ମାର୍ଚ୍ଚ ୨୦୨୧ ପର୍ଯ୍ୟନ୍ତ ଚାଲୁରହିଥିବା ସମସ୍ତ ଅଂଶଗ୍ରହଣକାରୀ ପଲିସି ଉପରେ ଘୋଷିତ ବୋନସ ରୂପେ ମାନ୍ୟତା ମିଳିଛି। ରିଭର୍ସନାରୀ ବୋନସ ସହିତ ପଲିସି ପାଇଁ ଏହା ମୃତ୍ୟୁ ଓ ପରିପକ୍ୱତା ଉପରେ ଗ୍ୟାରେଂଟେଡ ଲାଭ ପ୍ରଦାନ କରିବ। ଏହି ବୋନସ କଂପାନିର ଆର୍ଥିକ ବର୍ଷ ୨୦୨୦-୨୧ ବର୍ଷ ପାଇଁ ଅଂଶଗ୍ରହଣକାରୀ ପଲିସିଧାରୀଙ୍କ ପାଣ୍ଠିରୁ ସୃଷ୍ଟି ହୋଇଥିବା ଲାଭରୁ ପ୍ରଦାନ କରାଯିବ। ଏହି ବୋନସ ପ୍ରଦାନ ରିଲାଏନସ ନିପନ ଲାଇଫର ୬୮୫,୦୦୦ ଅଂଶଗ୍ରହଣକାରୀ ପଲିସିଧାରୀଙ୍କ ପାଇଁ ଲାଭଦାୟକ ହେବ। ଗତ ୧୭ ବର୍ଷ ମଧ୍ୟରେ ଏହି ବୋନସ ଗ୍ରାହକମାନଙ୍କ ଲାଗି ପ୍ରୋତ୍ସାହନ ସ୍ୱରୂପ ଘୋଷଣା କରାଯାଇ ଆସୁଛି। ଏହା ସେମାନଙ୍କୁ ନିୟମିତ ପ୍ରିମିୟମ ଦେବା ଓ ସମଗ୍ର ପଲିସି ପାଇଁ ନିବେଶ ଉପରେ ଦିଆଯାଇଥାଏ।ଏହି ଅବସରରେ ଶ୍ରୀ ଆଶିଷ ଭୋରା, ସିଇଓ, ରିଲାଏନଓ ନିପନ ଲାଇଫ କହିଥିଲେ ଯେ ' କ୍ରମାଗତ ଭାବରେ ଆମର ବିକାଶ ଜାରୀ ରହିଥିବା ହେତୁ ଆମେ ଗର୍ବିତ। ଯାହାକି ଆମେ ଓ ଆମର ମୂଲ୍ୟବାନ ଗ୍ରାହକଙ୍କ ମଧ୍ୟରେ ବିଶ୍ୱାସର ପରିଚୟ। ମହାମାରୀ ପରିସ୍ଥିତି ଜନିତ ଅସୁବିଧା ସତ୍ତ୍ୱେ ଆମେ ଜୀବନ ବୀମା କଂପାନି ଭାବରେ ସାମାଜିକ ଲକ୍ଷ୍ୟ ପୂରଣ ପାଇଁ ଯତ୍ନବାନ ଅଛୁ। ଗ୍ରାହକମାନଙ୍କୁ ଭବିଷ୍ୟତରେ ଆର୍ଥିକ ସହାୟତା ଲାଗି ଆମେ ଚେଷ୍ଟା କରିବୁ। ବିଭିନ୍ନ ଅଂଶଗ୍ରହଣକାରୀ ନୀତି ପାଇଁ ଘୋଷିତ ବୋନସ ହାର ହେଉଛି ଗ୍ରାହକଙ୍କୁ ଉନ୍ନତ ମୂଲ୍ୟ ପ୍ରଦାନ କରିବାକୁ ଆମର କ୍ରମାଗତ ପ୍ରୟାସର ପ୍ରମାଣ।ଅଂଶଗ୍ରହଣକାରୀ ପଲିସି ଅଧିନରେ ଘୋଷିତ ବୋନସ ଗ୍ରାହକମାନଙ୍କୁ ଦୀର୍ଘ ସ୍ଥାୟୀ ଲକ୍ଷ୍ୟ ପୂରଣ ସହ ସଂପଦ ସୃଷ୍ଟି କରିବାରେ ସହାୟକ ହେବ, ଯେତେବେଳକି ପରିପକ୍ୱତା ଉପରେ ବୀମା ଅର୍ଥ କିମ୍ବା ପଲିସିଧାରୀଙ୍କ ମୃତ୍ୟୁ ଉପରେ ଗ୍ୟାରେଂଟେଡ ଅର୍ଥ ପ୍ରଦାନ ବ୍ୟବସ୍ଥା, ପ୍ରିୟଜନଙ୍କ ଭବିଷ୍ୟତ ପାଇଁ ଆର୍ଥିକ ସୁରକ୍ଷା ପ୍ରଦାନ କରିଥାଏ। ରିଲାଏନସ ନିପନ ଲାଇଫ ଇନସ୍ୟୁରାନସ ହେଉଛି ଭାରତର ଅଗ୍ରଣୀ ଓ ବିଶ୍ୱସନୀୟ ପ୍ରାଇଭେଟ ଲିମିଟେଡ କଂପାନି, ଯାହାର ମୋଟ ସଂପତି ୩୧ ମାର୍ଚ୍ଚ ୨୧ ସୁଦ୍ଧା ମ୍ୟାନେଜମେଂଟ ଅଧିନରେ ଟ.୨୪୩୮୩ କୋଟି ଓ ମୋଟ ବୀମା ଅର୍ଥ ଟ.୭୮୮୪୭ କୋଟି ତଥା ଅଭିଯୋଗ ସମାଧାନ ହାର ୯୮.୪୮ ପ୍ରତିଶତ ଅଟେ।

## କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ମୟୂରଭଂଜ : ଆଶଙ୍କାର ମାୟାଜାଲ ରଚନା କରିଛି କରୋନା। ଏମିତି ଭୟାବହତା ମଧ୍ୟରେ କବଳିତ ହୋଇରହିଛଁ ବିଶ୍ୱବାସୀ। ଏହାରି ଭିତରୁ ଓଡ଼ିଶା ମଧ୍ୟ ବାଦ ପଡ଼ି ନାହିଁ। ଏଇ ପରିପ୍ରେକ୍ଷୀରେ ସରକାର କରୋନାକୁ ପ୍ରତିହତ କରିବା ପାଇଁ ଅବିରତ ସଂଗ୍ରାମ ଜାରି ରଖିଥିବାବେଳେ ଲୋକମାନଙ୍କୁ ସଚେତନ କରିବା ପାଇଁ ଅନେକ ନିର୍ଦ୍ଦେଶ ଦେଉଛନ୍ତି। ଘର ଭିତରେ ସୁରକ୍ଷିତ ଭାବେ ରହିବା ପାଇଁ ପରାମର୍ଶ ଦେବା ସହ ଅତ୍ୟାବଶ୍ୟକ କାର୍ଯ୍ୟ ନହେଲେ ଘରୁ ନ ବାହାରିବାକୁ ଗାଇଡ଼ଲାଇନ ମଧ୍ୟ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ମୟୂରଭଂଜ ଜିଲ୍ଲାର ବଡ଼ସାହି ବ୍ଲକର ଗୌନମୁଣ୍ଡଳି ଗ୍ରାମରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରତ୍ନାକର ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏହି ଗାଁରେ ଲୋକ ମାଡ଼ଭ୍କୁ କରୋନା ସମ୍ବନ୍ଧରେ ସୁଚନା ଦେଇ ଏହାକୁ କିପରି ପ୍ରତିହତ କରାଯାଇପାରିବ , ସେ ସମ୍ପର୍କରେ ପ୍ରଣବ କୁମାର ପାତ୍ର ବୁଝାଇଥିଲେ । କାର୍ଯ୍ୟକ୍ରମରେ ଲୋକ ମାନଙ୍କୁ ମାସ୍କ , ସାନିଟାଇଜର ବଣ୍ଟନ କରାଯାଇଥିଲା। ଗାଁ ଲୋକ ମାନେ କିପରି ମାସ୍କ ପରିଧାନ କରିବା ସହ ନିଜକୁ ତଥା ନିଜ ପରିବାର ଓ ଗାଁକୁ ସୁରକ୍ଷିତ କରିପାରିବେ , ସେ ବିଷୟରେ ପ୍ରଣବ ଲୋକମାନଙ୍କୁ ସଚେତନ କରାଇଥିଲେ।

## ନାବାଳିକା ଅପହରଣ ଘଟଣା, ୬ବର୍ଷ ପରେ ଅଭିଯୁକ୍ତ ଗିରଫ




ଖଣ୍ଡପଡା : ଖଣ୍ଡପଡା ସହରର ୧୨ନଂ ୱାର୍ଡ ଅଧିନ ଚିନିକଳ ସାହିରୁ ଗତ ୨୦୧୫ ମସିହାରେ ଜଣେ ୧୬ ବର୍ଷର ନାବାଳିକାକୁ ଅପହରଣ କରି ନେଇଥିବା ଘଟଣାରେ ସଂପୃକ୍ତ ମୁଖ୍ୟ ଅଭିଯୁକ୍ତକୁ ୬ବର୍ଷ ପରେ ଖଣ୍ଡପଡା ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଜଣାଯାଇଛି । କୋର୍ଟରେ ଜାମିନ ନାମାଜଂୁର ହେବାରୁ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଉକ୍ତ ଯୁବକଙ୍କ ନାମ ଜିତେନ୍ଦ୍ର ନାଏକ ଓ ତାଙ୍କ ଘର ନୟାଗଡ ସଦର ଥାନା ଅଧିନ ବାଲୁଗାଁ ଗ୍ରାମର ହାଟପଦା ସାହିରେ ବୋଲି ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ଠାରୁ ପ୍ରକାଶ। ଖଣ୍ଡପଡା ଥାନା ସୁତ୍ରରୁ ମିଳିଥିବା ସୂଚନା ମୁତାବକ ନାବାଳିକା ଅପହରଣ ଘଟଣା ସଂପର୍କରେ ସେହି ସମୟରେ ଖଣ୍ଡପଡା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା । ମାତ୍ର ଘଟଣା ପରଠାରୁ ଅଭିଯୁକ୍ତ ଜଣଙ୍କ ଫେରାର ହୋଇ ଯାଇଥିଲା । ତେବେ ବିଶେଷ ସୂତ୍ରରୁ ଖବର ପାଇ ଖଣ୍ଡପଡା ପୋଲିସ ସ୍ଥାନୀୟ ଅଂଚଳରେ ଚଢାଉ କରିଥିବା ଏସଆଇ ଶ୍ରଦ୍ଧା ନାୟକଙ୍କ ଠାରୁ ପ୍ରକାଶ।

## ରେମୁଣା ସାମ୍ବାଦିକ ୟୁନିୟନ ପକ୍ଷରୁ ପଥପ୍ରାନ୍ତ ରକ୍ତଦାନ ଶିବିର ଅନୁଷ୍ଠିତ : ୩୨ ୟୁନିଟ ରକ୍ତ ସଂଗ୍ରହ

ବାଲେଶ୍ୱର : ରେମୁଣା ସାମ୍ବାଦିକ ୟୁନିୟନ ପକ୍ଷରୁ ଏକ ପଥପ୍ରାନ୍ତ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ରେମୁଣା ଈଶ୍ୱର ଟିଭି କାର୍ଯ୍ୟାଳୟରେ ଆୟୋଜନ କରାଯାଇଥିଲା। ଏହି ରକ୍ତ ଦାନ ଶିବିରରେ ୩୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତ ଦାତାମାନେ ହେଲେ ଦିନବନ୍ଧୁ, ଲିଙ୍ଗରାଜ, ତାରେଣୀ, ଶୁବଳ, ବସନ୍ତ, ସନାତନ, ଶିବାଶିଷ, ଜଗଦେବ, ତାପସ, ଅନିଲ, ରାମଚନ୍ଦ୍ର, ରାଜେଶ, ପ୍ରଭାଂଶୁ, ସୌଭାଗ୍ୟ, ଭଜନ, ମହେଶ୍ୱର, ସୁଯାତା, ଶଶିକାନ୍ତ, ଅନିରୁଦ୍ଧ, ଲକ୍ଷ୍ମୀକାନ୍ତ, ହୀରାଲାଲ, ତପନ, ବାଦଲ, ଅଭିମନ୍ୟୁ, ଏସ.କେ. ମୁରଦ୍ଦିନ ଏବଂ ରେମୁଣା ସାମ୍ବାଦିକ ୟୁନିୟନର ସଦସ୍ୟ ଲୋକନାଥ ପିରୀ, କମଲ ଲୋଚନ ପଣ୍ଡା, ଜ୍ୟୋତିପ୍ରକାଶ ପତି, କଞ୍ଚମଣି ସ୍ୱାଇଁ, ଯଦୁନାଥ ଗିରି, ସରୋଜ କୁମାର ସାହୁ, ଚନ୍ଦ୍ରକାନ୍ତ କର ପ୍ରମୁଖ ସ୍ୱେଚ୍ଛାକୃତ ରକ୍ତ ଦାନ କରିଥିଲେ। ଏହି ରକ୍ତ ଦାନ ଶିବିରକୁ ମୁଖ୍ୟ ଅତିଥି ଭାବେ ସମାଜସେବୀ ବିଜେଡ଼ିର ରାଜ୍ୟ ମହିଳା କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା, ସମ୍ମାନିତ ଅତିଥି ଇମାମିର ବରିଷ୍ଠ ପରିଚାଳକ ମନୋଜ କୁମାର ପାଢି, ରେମୁଣା ସରପଂଚ ଗୌରଚନ୍ଦ୍ର ରଣା ଯୋଗଦେଇ ଉଦ୍‌ଘାଟନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଡ଼. ଆଶୁତୋଷ ପ୍ରଧାନ, ଟେକ୍‌ନିସିୟାନ ଦେବାଶିଷ ଦତ୍ତ, ଜଗନାଥ ପଣ୍ଡା, କ୍ଷିରଦ ବେହେରା, ବିଦ୍ୟାଧର ସାହୁ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରକୁ ରେମୁଣା ସାମ୍ବାଦିକ ୟୁନିୟନର ସମସ୍ତ ସାମ୍ବାଦିକ ଏବଂ ଗୋବିନ୍ଦ ଚନ୍ଦ୍ର ପାଢି, ଅମିତା ପିରୀ, ପ୍ରାପ୍ତି ମୁଦୁଲି, ଶୁଭଙ୍କର ପିରୀ ପ୍ରମୁଖ ପରିଚାଳନା କରିଥିଲେ।

## ରେଡିଓ ନମସ୍କାର ଦ୍ୱାରା ଯୋଗ କରନ୍ତୁ ସୁସ୍ଥ ରୁହନ୍ତୁ କାର୍ଯ୍ୟକ୍ରମ

କୋଣାର୍କ : କରୋନା ମହାମାରୀ ସମୟରେ କରୋନା ନିୟମାବଳୀ ପାଳନ କରି ଯୋଗର ପ୍ରଚାର ପ୍ରସାର ନିମନ୍ତେ ଓଡିଶାର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ନମସ୍କାର ପକ୍ଷରୁ "ଯୋଗ କରନ୍ତୁ ସୁସ୍ତ ରୁହନ୍ତୁ"ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗତ ତିନିମାସଧରି ଜାରି ରହିଛି। ଆୟୁଷ ମନ୍ତ୍ରଣାଳୟ ଓ ସେମ୍‌କା ଦ୍ୱାରା ଆରମ୍ଭ ହୋଇଥିବା ଏହି ଜାତୀୟ ଅଭିଯାନରେ ଲୋକମାନେ ବାହାରକୁ ନଯାଇ ଘରେ ରହିବା ସହିତ କିଭଳି ଭାବରେ କରୋନା ଗାଇଡଲାଇନ୍ ପାଳନ କରି ଅନ୍‌ଲାଇନ୍ ମାଧ୍ୟମରେ ଯୋଗଶିକ୍ଷା ନେଇପାରିବେ ଏ ସଂପର୍କରେ ଲୋକମାନଙ୍କୁ ସଚେତନ କରାଯାଉଛି। ଯୋଗ ସଂପର୍କରେ ଅନେକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇ ରେଡିଓ ମାଧ୍ୟମରେ ଲୋକମାନଙ୍କ ପାଖରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି 'ରେଡଓ ନମସ୍କାର'। ଯୋଗ ଶିକ୍ଷାକୁ ଅଧିକ ଲୋକାଭିମୁଖୀ କରିବା ଲକ୍ଷରେ ଦେଶର ୧୩୦ଟି ଗୋଷ୍ଠୀବେତାର କେନ୍ଦ୍ର ଏହି ଅଭିଯାନରେ ସାମିଲ ହୋଇଛନ୍ତି। 'ରେଡିଓ ନମସ୍କାର' ପକ୍ଷରୁ କରୋନା ମହାମାରୀ ସମୟରେ ଜନସାଧାରଣ ଏବଂ ବିଭିନ୍ନ ଗ୍ରାମରେ ଥିବା ଶ୍ରୋତାମଣ୍ଡଳୀ ର ମା' ଭଉଣୀମାନେ କିଭଳି ମାସ୍କ ବ୍ୟବହାର କରିବେ ,ସାମାଜିକ ଦୂରତା ବଜାୟ ରଖିବେ, ଗୁଜବଠାରୁ ଦୂରେଇ ରହିବେ ,ଟିକାକେନ୍ଦ୍ରକୁ ଯାଇ କିଭଳି ଟିକା ନେବେ ଏହିଭଳି ଅନେକ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଇଥିବା ରେଡିଓ ନମସ୍କାରର ଅଧ୍ୟକ୍ଷ ଏନ୍.ଏ.ଶାହଃ ଅନ୍‌ସାରୀ ସୂଚନା ଦେଇଛନ୍ତି। ଯୁବ ସଂଯୋଜକ ଅନ୍ଦାଜ ଆରନ୍, କାର୍ଯ୍ୟନିର୍ବାହୀ ଅଧିକାରୀ ରୋଜଲିନ୍ ପ୍ରଧାନ, ସଂଯୋଜିକା ଏସ୍ କାଜଲ, ଟିକିନା ରାଉତ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇ ଆଗକୁ ନେଇଥିଲେ।

## କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସ୍ଥିତିବାନ ସମ୍ପତିକୁ ଜବରଦଖଲ : ଏସପିଙ୍କୁ ଭେଟିଲେ ପୀଡ଼ିତ ପରିବାର

କୋରେଇ: ଯାଜପୁର ଜିଲ୍ଲା ଜେନାପୁର ଥାନା ଅନ୍ତର୍ଗତ ଗଡଡପଶି ଗ୍ରାମର ବୈକୁଣ୍ଠ ବେହରାଙ୍କ ଅଭିଯୋଗ ମୁତାବକ, ଗଡଡପଶି ମୌଜାରେ ତାଙ୍କ ସ୍ଥିତିବାନ ସମ୍ପତି ଖାତା ନମ୍ବର ୪୧୯/୪୪, ପ୍ଲଟ ନମ୍ବର ୫୮୭/ ୧୫୫୬ ଏ୦.୧୬ ଡିସିମିଲ ପୁରୁଷାନୁକ୍ରମେ ତାଙ୍କ ଅଧିନରେ ଥିବା ସତ୍ତ୍ୱେ ଉକ୍ତ ଜମିର ପଡୋଶୀ ବନଲତା ସାହୁ, ତ୍ରିଲୋଚନ ସାହୁ, ଦଶରଥ ସାହୁ, ବିଶ୍ୱଜିତ ସାହୁ କିଛି ଅସାମାଜିକ ବ୍ୟକ୍ତିଙ୍କ ସହାୟତାରେ ଜୋର ଜବରଦସ୍ତ ମାଟି ପକାଇ ପାଚେରୀ ନିର୍ମାଣ କରିବାକୁ ଯିବାରୁ ବୈକୁଣ୍ଠଙ୍କ ପରିବାର ଏହାର ପ୍ରତିବାଦ କରିଥିଲେ । ମାତ୍ର ସେମାନେ ଗାଳି ଗୁଲଜ ସହ ଆକ୍ରମଣ କରିଥିଲେ । ଆହତ ହୋଇ ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ୨୧୯/୨୧ ରୁଜୁ କରିବା ସହ କାମ ବନ୍ଦ କରାଇଥିଲେ । ମାତ୍ର ପତିପକ୍ଷ ଏହାକୁ ନମାନି ପୁର୍ନବାର ୩ ତାରିଖ କାମ କରୁଥିବାରୁ ପୁଣି ପ୍ରତିବାଦ କରିବାରୁ ଗାଳିଗୁଲଜ ସହ ଆକ୍ରମଣ କରିଥିଲେ । ଏନେଇ ଥାନାରେ ଅଭିଯୋଗ କରିବା ସହ ସମସ୍ତ କାଗଜାଦି ୧୪୪ ଓ ଇଂଜେନକସନ ସୁଟ୍ ଦାଖଲା କଲା ପରେ ବି ପୁଲିସ ନିରବ ଦ୍ରଷ୍ଟା ସାଜିଛି । ଅଭିଯୁକ୍ତଙ୍କୁ ଘଂଟ ଘୋଡାଇ ପୁଲିସ ଗାଳିଗୁଲଜ ସହ ଧମକ ଦେଇ ମାମଲା ରଫାଦଫା କରିବାକୁ ବାଧ କରୁଛି ।

## ପଜିଟିଭ ଚିହ୍ନଟ ପରେ ୨ଦିନ ପାଇଁ ୟୁକୋ ବ୍ୟାଙ୍କ ଶାଖା ସଟଡାଉନ




ଖଣ୍ଡପଡା : ଖଣ୍ଡପଡା ସହରର ବଜାର ମଧ୍ୟରେ ଅବସ୍ଥିତ ୟୁକୋ ବ୍ୟାଙ୍କ ଶାଖାରେ କାର୍ଯ୍ୟରତ ଶାଖା ପରିଚାଳକ ଓ ଆଉ ଜଣେ କର୍ମଚାରୀ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ନେଇ ଚିହ୍ନଟ ହେବା ପରେ ବ୍ୟାଙ୍କ ଶାଖା କାର୍ଯ୍ୟାଳୟକୁ ୨ଦିନ ପାଇଁ ସଟଡାଉନ ଘୋଷଣା କରାଯାଇଛି । ମଙ୍ଗଳବାର ସକାଳ ୬ଟାରୁ ଆସନ୍ତା ୮ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ବ୍ୟାଙ୍କ ଶାଖା ବନ୍ଦ ରହିବ ବୋଲି ଜଣାପଡିଛି । ଖଣ୍ଡପଡା ତହସିଲଦାର ପାର୍ଥ ସାରଥୀ ହାଁସଦା ଏ ନେଇ ନିର୍ଦ୍ଦେଶନାମା ଜାରି କରିବା ସହ କରୋନା ସଂକ୍ରମଣକୁ ରୋକିବା ନିମନ୍ତେ ଉକ୍ତ ବ୍ୟାଙ୍କ ଶାଖା କାର୍ଯ୍ୟାଳୟକୁ ସଂପୂର୍ଣ୍ଣ ରୁପେ ବିଶୋଧନ କରିବା ନିମନ୍ତେ ଖଣ୍ଡପଡା ଅଗ୍ନିଶମ ବିଭାଗ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି ।

ରିଲାଏନସ ନିପନ ଲାଇଫ ଇନସ୍ୟୁରାନସ ପକ୍ଷରୁ ଆର୍ଥିକ ବର୍ଷ ୨୧ ପାଇଁ ୩୦୬.୮୮ କୋଟି ଟଙ୍କାର ବୋନସ ଘୋଷଣା

ଭୁବନେଶ୍ୱର: ରିଲାଏନସ ନିପନ ଲାଇଫ ଇନସ୍ୟୁରାନ କଂପାନି ଲିମିଟେଡ, ଜାପାନର ରିଲାଏନସ କ୍ୟାପିଟାଲ ଓ ନିପନ ଲାଇଫ ଇନସ୍ୟୁରାନସ ମଧ୍ୟରେ ଏକ ଯୁଗ୍ମ ଉଦ୍ୟୋଗ। ଆଥିକ ବର୍ଷ ୨୧ ପାଇଁଏହାର ଅଂଶଗ୍ରହଣକାରୀ ପଲିସିଧାରୀଙ୍କ ନିମନ୍ତେ ୩୦୬.୮୮ କୋଟି ଟଙ୍କାର ବୋନସ ଘୋଷଣା କରିଛି। ଏହି ବୋନସ ହେଉଛି ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହୋଇଥିବା ବର୍ଷ ଲାଗି କଂପାନିର ଦୃଢ ଆର୍ଥିକ ସ୍ଥିତିର ଏକ ନମୁନା ଯେଉଁଥିରେ କଂପାନି ଟିକସ ପରେ ଟ. ୫୦ କୋଟି ଲାଭ ହାସଲ କରିଛି।ଏହି ଘୋଷଣା ଅନୁସାରେ ୩୧ ମାର୍ଚ୍ଚ ୨୦୨୧ ପର୍ଯ୍ୟନ୍ତ ଚାଲୁରହିଥିବା ସମସ୍ତ ଅଂଶଗ୍ରହଣକାରୀ ପଲିସି ଉପରେ ଘୋଷିତ ବୋନସ ରୂପେ ମାନ୍ୟତା ମିଳିଛି। ରିଭର୍ସନାରୀ ବୋନସ ସହିତ ପଲିସି ପାଇଁ ଏହା ମୃତ୍ୟୁ ଓ ପରିପକ୍ୱତା ଉପରେ ଗ୍ୟାରେଂଟେଡ ଲାଭ ପ୍ରଦାନ କରିବ। ଏହି ବୋନସ କଂପାନିର ଆର୍ଥିକ ବର୍ଷ ୨୦୨୦-୨୧ ବର୍ଷ ପାଇଁ ଅଂଶଗ୍ରହଣକାରୀ ପଲିସିଧାରୀଙ୍କ ପାଣ୍ଠିରୁ ସୃଷ୍ଟି ହୋଇଥିବା ଲାଭରୁ ପ୍ରଦାନ କରାଯିବ। ଏହି ବୋନସ ପ୍ରଦାନ ରିଲାଏନସ ନିପନ ଲାଇଫର ୬୮୫,୦୦୦ ଅଂଶଗ୍ରହଣକାରୀ ପଲିସିଧାରୀଙ୍କ ପାଇଁ ଲାଭଦାୟକ ହେବ। ଗତ ୧୭ ବର୍ଷ ମଧ୍ୟରେ ଏହି ବୋନସ ଗ୍ରାହକମାନଙ୍କ ଲାଗି ପ୍ରୋତ୍ସାହନ ସ୍ୱରୂପ ଘୋଷଣା କରାଯାଇ ଆସୁଛି। ଏହା ସେମାନଙ୍କୁ ନିୟମିତ ପ୍ରିମିୟମ ଦେବା ଓ ସମଗ୍ର ପଲିସି ପାଇଁ ନିବେଶ ଉପରେ ଦିଆଯାଇଥାଏ। ଏହି ଅବସରରେ ଶ୍ରୀ ଆଶିଷ ଭୋରା, ସିଇଓ, ରିଲାଏନଓ ନିପନ ଲାଇଫ କହିଥିଲେ ଯେ ' କ୍ରମାଗତ ଭାବରେ ଆମର ବିକାଶ ଜାରୀ ରହିଥିବା ହେତୁ ଆମେ ଗର୍ବିତ। ଯାହାକି ଆମେ ଓ ଆମର ମୂଲ୍ୟବାନ ଗ୍ରାହକଙ୍କ ମଧ୍ୟରେ ବିଶ୍ୱାସର ପରିଚୟ। ମହାମାରୀ ପରିସ୍ଥିତି ଜନିତ ଅସୁବିଧା ସତ୍ତ୍ୱେ ଆମେ ଜୀବନ ବୀମା କଂପାନି ଭାବରେ ସାମାଜିକ ଲକ୍ଷ୍ୟ ପୂରଣ ପାଇଁ ଯତ୍ନବାନ ଅଛୁ। ଗ୍ରାହକମାନଙ୍କୁ ଭବିଷ୍ୟତରେ ଆର୍ଥିକ ସହାୟତା ଲାଗି ଆମେ ଚେଷ୍ଟା କରିବୁ। ବିଭିନ୍ନ ଅଂଶଗ୍ରହଣକାରୀ ନୀତି ପାଇଁ ଘୋଷିତ ବୋନସ ହାର ହେଉଛି ଗ୍ରାହକଙ୍କୁ ଉନ୍ନତ ମୂଲ୍ୟ ପ୍ରଦାନ କରିବାକୁ ଆମର କ୍ରମାଗତ ପ୍ରୟାସର ପ୍ରମାଣ। ଅଂଶଗ୍ରହଣକାରୀ ପଲିସି ଅଧିନରେ ଘୋଷିତ ବୋନସ ଗ୍ରାହକମାନଙ୍କୁ ଦୀର୍ଘ ସ୍ଥାୟୀ ଲକ୍ଷ୍ୟ ପୂରଣ ସହ ସଂପଦ ସୃଷ୍ଟି କରିବାରେ ସହାୟକ ହେବ, ଯେତେବେଳକି ପରିପକ୍ୱତା ଉପରେ ବୀମା ଅର୍ଥ କିମ୍ବା ପଲିସିଧାରୀଙ୍କ ମୃତ୍ୟୁ ଉପରେ ଗ୍ୟାରେଂଟେଡ ଅର୍ଥ ପ୍ରଦାନ ବ୍ୟବସ୍ଥା, ପ୍ରିୟଜନଙ୍କ ଭବିଷ୍ୟତ ପାଇଁ ଆର୍ଥିକ ସୁରକ୍ଷା ପ୍ରଦାନ କରିଥାଏ। ରିଲାଏନସ ନିପନ ଲାଇଫ ଇନସ୍ୟୁରାନସ ହେଉଛି ଭାରତର ଅଗ୍ରଣୀ ଓ ବିଶ୍ୱସନୀୟ ପ୍ରାଇଭେଟ ଲିମିଟେଡ କଂପାନି, ଯାହାର ମୋଟ ସଂପତି ୩୧ ମାର୍ଚ୍ଚ ୨୧ ସୁଦ୍ଧା ମ୍ୟାନେଜମେଂଟ ଅଧିନରେ ଟ.୨୪୩୮୩ କୋଟି ଓ ମୋଟ ବୀମା ଅର୍ଥ ଟ.୭୮୮୪୭ କୋଟି ତଥା ଅଭିଯୋଗ ସମାଧାନ ହାର ୯୮.୪୮ ପ୍ରତିଶତ ଅଟେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray